## ସଂକ୍ଷେପରେ

### ଦୀପାଙ୍କୁ ଓଡ଼ିଶା ସ୍ୱରାଜ ଯୁବ ସମ୍ମାନ

**ପାଇକମାଳ,୨୧।୩(ଡି.ଏନ.ଏ):** ବରଗଡ଼ ଜିଲା ପାଇକମାଳ ବ୍ଲକ ଅନ୍ତର୍ଗତ ଟେମରି ଗ୍ରାମର ସ୍ୱେଚ୍ଛାସେବୀ ଦୀପା ବାରିକଙ୍କୁ ମିଳିଛି ଓଡ଼ିଶା ସ୍ୱରାଜ ଯୁବ ସମ୍ମାନ-୨୦୨୨। ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ଓଡ଼ିଶା ସ୍ୱରାଜ ସମ୍ମାନୋତ୍ସବ କାର୍ଯ୍ୟକ୍ରମରେ କଂଗ୍ରେସର ପୂର୍ବତନ ଓଡ଼ିଶା ପ୍ରଭାରୀ ବି. କେ. ହରିପ୍ରସାଦ ମୁଖ୍ୟ ଅତିଥି, ଧରିତ୍ରୀ ସମ୍ପାଦକ ତଥା ପୂର୍ବତନ ଏମ୍‌ପି ତଥାଗତ ସତପଥୀ ମୁଖ୍ୟ ବକ୍ତା, ଆବାହକ ସୁଧାଂଶୁ ଶେଖର ଦେଓ ଏବଂ ଯୁବ ସମାଜସେବୀ ସିଦ୍ଧାର୍ଥ ଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ମହାନଦୀରେ ବୁଡ଼ି ମତ୍ସ୍ୟଜୀବୀ ମୃତ

**ଅତାବିରା,୨୧।୩(ଡି.ଏନ.ଏ):** ମହାନଦୀକୁ ମାଛ ମାରିବାକୁ ଯାଇଥିବାବେଳେ ପାଣିରେ ବୁଡ଼ି ସୋମବାର ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭେଡ଼େନ ଥାନା ମାନପୁର ଗ୍ରାମର ଦିଲୀପ ଭୋଇ। ସୂଚନା ଅନୁଯାୟୀ, ଦିଲୀପ ଗାଲିମା ନିକଟ ମହାନଦୀରେ ମାଛ ମାରୁଥିବା ବେଳେ ଭାସି ଯାଇଥିଲେ। ଖବର ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାଦୋବାହାଲ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଭେଡ଼େନ ଥାନା ରୁଖୁଡ଼ା ଫାଣ୍ଡି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୨) ରୁଜୁ କରି ମୃତଦେହ ଜବତ କରିଛି।

### ସାର ମିଳୁନି, ତହସିଲଦାରଙ୍କୁ ଘେରାଉ

**ବରପାଲି,୨୧।୩(ଡି.ଏନ.ଏ):** ବରଗଡ଼ ଜିଲାରେ ଚାଷୀଙ୍କ ପାଇଁ ସାର ଅଭାବ ବର୍ତ୍ତମାନ ବଡ଼ ସମସ୍ୟା ପାଲଟିଛି। ଏ ନେଇ କୃଷି ଅଧିକାରୀଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଏଭଳି ଅଭିଯୋଗ କରି ସୋମବାର ବରପାଲି ଅଞ୍ଚଳର ଚାଷୀମାନେ ସ୍ଥାନୀୟ ତହସିଲଦାର ଅକ୍ଷୟ କୁମାର ବାଗଙ୍କୁ ଘେରିଥିଲେ। ଏହା ସହିତ ଚାଷୀଙ୍କୁ ତୁରନ୍ତ ଆବଶ୍ୟକତା ଅନୁଯାୟୀ ସାର ଯୋଗାଇବା ଦାବିରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବର୍ତ୍ତମାନ ପୌର ନିର୍ବାଚନରେ ବ୍ୟସ୍ତ ଥିବାରୁ ଆସନ୍ତା ୨୪ତାରିଖ ପରେ ଚାଷୀଙ୍କୁ ସାର ଯୋଗାଇବା ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ବାଗ ପ୍ରତିଶ୍ରୁତି ଦେଇଥିଲେ।

### କମିରା ସ୍କୁଲରେ ବିଶ୍ୱ ଜଳଦିବସ ପାଳିତ

**ବାଉଁଶୁଣୀ, ୨୧।୩(ଡି.ଏନ.ଏ.):** ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତର ରାମପୁରଠାରେ ଏଲଏଣ୍ଡଟି ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଛି। ସୋମବାର ଏହି କମ୍ପାନୀ ପକ୍ଷରୁ ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତର କମିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ଜଳ ଦିବସ ପାଳନ କରାଯାଇଛି। ପ୍ରଧାନଶିକ୍ଷକ ସନତ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କମ୍ପାନୀର ଇଏଚ ଏସଓ ଅଶ୍ୱିନୀ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ କ୍ୱାଲିଟି ଅଫିସର ପ୍ରବୀଣ ବସକ, କନିଷ୍ଠ ଯନ୍ତ୍ରୀ ନସିମ ଖାଁ, ବୁବାଇ ମୁସିବ, ରଜନୀକାନ୍ତ ଜେନା,ଅଜୟ ପରିଡ଼ା, ବିଶ୍ୱଜିତ ସାହୁ, ଶିକ୍ଷକ ପ୍ରଶାନ୍ତ ପ୍ରଧାନ ଯୋଗଦେଇ ଜଳ ସଂରକ୍ଷଣ ଓ ଏହାର ସଦୁପଯୋଗ ଉପରେ ଆଲୋକପାତ କରିଥିଲେ। ଫାଷ୍ଟ ଏଡ଼ ଜିତେନ୍ଦ୍ର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

### ମହାନଦୀ ନେତ୍ର ଚିକିତ୍ସାଳୟ ରୋଗୀ ବିଶ୍ରାମାଗାରର ଶିଳାନ୍ୟାସ

**ଅମରପାଲି,୨୧।୩ (ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ପଣ୍ଡାପାଲିଠାରେ ଥିବା ମହାନଦୀ ନେତ୍ର ଚିକିତ୍ସାଳୟରେ ୫୦ଶଯ୍ୟା ରୋଗୀ ବିଶ୍ରାମାଗାରର ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ହୋଇଯାଇଛି। ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି। ଲେପ୍ରା ସୋସାଇଟି ସିଇଓ ପ୍ରଶାନ୍ତ କୁମାର ନାଏକ, ଏଲଆଇସିର ବରିଷ୍ଠ ଡିଭିଜନାଲ ସଂସ୍ଥାପକ ବି.ଏଲ.ଦାସ, ଶରତ କୁମାର ପଣ୍ଡା, ପାର୍ଥ ସାରଥୀ ବୋଷ, ରଶ୍ମିରଞ୍ଜନ ପାଣିଗ୍ରାହୀ, ବାଳକୃଷ୍ଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୋଗୀ ବିଶ୍ରାମାଗାର ପାଇଁ ଏଲଆଇସି ଗୋଲଡେନ ଜୁବୁଲି ଫାଉଣ୍ଡେସନ ତରଫରୁ ୨୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ପରେ ଏକ ସଭା କାର୍ଯ୍ୟ ଲେପ୍ରାସୋସାଇଟି ସିଇଓ ପ୍ରଶାନ୍ତ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା।

# ପ୍ରସଙ୍ଗ ଭିନ୍ନ, ଲକ୍ଷ୍ୟ ସମାନ

## ଗୋଟିଏ ମଞ୍ଚରେ ସଭିଏଁ ଏକାଠି

**ବରଗଡ଼ ଅଫିସ୍,୨୧।୩**

ପୌର ନିର୍ବାଚନକୁ ମାତ୍ର ୩ଦିନ ବାକି। ୨୪ତାରିଖରେ ଭୋଟ୍ ଗ୍ରହଣ ହେବ। ୨୨ତାରିଖ ନିର୍ବାଚନୀ ପ୍ରଚାର ଶେଷ ଦିବସ। ଏହି କ୍ରମରେ ସୋମବାର ବରଗଡ଼ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ଦଳୀୟ, ନିର୍ଦ୍ଦଳୀୟ ଅଧ୍ୟକ୍ଷା ପ୍ରାର୍ଥିନୀଙ୍କୁ ଗୋଟିଏ ମଞ୍ଚରେ ଏକାଠି କରି ପ୍ରାର୍ଥୀ ଓ ପ୍ରସଙ୍ଗ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏଥିରେ ୪ ଦଳୀୟ ଏବଂ ୩ ସ୍ୱାଧୀନ ଅଧ୍ୟକ୍ଷା ପ୍ରାର୍ଥିନୀ ଯୋଗଦେଇ ସେମାନଙ୍କ ଆଭିମୁଖ୍ୟ ରଖିଥିଲେ। ପ୍ରାର୍ଥୀମାନେ ପୃଥକ୍ ପ୍ରସଙ୍ଗ ରଖିଥିବାବେଳେ ବରଗଡ଼ ପୌର ପରିଷଦକୁ ବିକଶିତ ଗଡ଼ି ତୋଳିବା ଲକ୍ଷ୍ୟ ନେଇ ସଭିଁଏ ମତ ରଖିଥିଲେ।

ବିଜେଡ଼ି ପ୍ରାର୍ଥିନୀ କଳ୍ପନା ମାଝି ସଫେଇ, ପାନୀୟଜଳ, ଆଲୋକୀକରଣ, ଡ୍ରେନେଜକୁ ପ୍ରାଥମିକତା ଦେବେ ବୋଲି କହିଥିଲେ। ଏହାସହିତ ସେ ପୂର୍ବରୁ ପୌର ଉପାଧ୍ୟକ୍ଷା ଥିଲେ ଏବଂ ପୌରବାସୀଙ୍କ ସୁଖଦୁଃଖରେ ସାମିଲ ହୋଇଥିବା ପ୍ରକାଶ କରିବା ସହିତ ବିଗତ ଦିନରେ ପୌର ପରିଷଦରେ ନିଆଯାଇଥିବା ବିକାଶମୂଳକ କାର୍ଯ୍ୟର ଦୃଷ୍ଟାନ୍ତ ଦେଇଥିଲେ। ଭାଜପା ପ୍ରାର୍ଥିନୀ ଅନୁରାଧା ଅଗ୍ରୱାଲ ବରଗଡ଼ ପୌରାଞ୍ଚଳର ଦୁରବସ୍ଥା ନେଇ ଉଦ୍‌ବେଗ ପ୍ରକାଶ କରି ଜିଲା ମୁଖ୍ୟ ଡାକ୍ତରଖାନା ଭଟଲି ଖେଦାପାଲିକୁ ଉଠାଇ ନିଆଯିବା, ନାରୀ ନିର୍ଯାତନା ବୃଦ୍ଧି, ଦୀର୍ଘବର୍ଷ ଧରି ଜିରା ବ୍ରିଜ୍ ଅଧାପନ୍ତରିଆ ପଡ଼ିରହିବା, ଆଶ୍ରୟସ୍ଥଳୀ ଅଭାବରୁ ଅସହାୟ ଲୋକେ ଫୁଟ୍‌ପାଥ୍‌ରେ ଶୋଇବା ପ୍ରସଙ୍ଗ ଉଠାଇଥିଲେ।

ବରଗଡ଼ ପୌର ପରିଷଦବାସୀ ଏବେ ମଧ୍ୟ ସର୍ବନିମ୍ନ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ରହିଥିବା ନେଇ କଂଗ୍ରେସ ପ୍ରାର୍ଥିନୀ ତପସ୍ୱିନୀ ବେହେରା ମତ ରଖିଥିଲେ। ରାସ୍ତାଘାଟ, ପାନୀୟଜଳ, ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବାବେଳେ ଦୁର୍ନୀତି ବଢ଼ି ଚାଲିଥିବା ସେ କହିଥିଲେ। ଆମ ଆଦମୀ ପାର୍ଟି (ଆପ୍) ପ୍ରାର୍ଥିନୀ ଦେବିକା ଦେହେରୀ ସହରରେ ସ୍ୱଚ୍ଛତା ନ ଥିବାବେଳେ ଡାକ୍ତରଖାନା, ସ୍କୁଲକୁ ଉଠାଇନେବା ଦୁର୍ଭାଗ୍ୟଜନକ ବୋଲି ମତ ରଖିଥିଲେ। ସ୍ୱାଧୀନ ପ୍ରାର୍ଥିନୀ ପ୍ରୀତିକନା ମଜୁମଦାର ସହରର ସବୁ ସମସ୍ୟା ନେଇ ସେ ଅବଗତ ଏବଂ ସୁଯୋଗ ମିଳିଲେ ଏକ ବିକଶିତ ବରଗଡ଼ ହିଁ ତାଙ୍କ ଲକ୍ଷ୍ୟ ବୋଲି କହିଥିଲେ। ସ୍ୱାଧୀନ ପ୍ରାର୍ଥିନୀ ଦେଭିକା ସିକା କ୍ୟାନ୍‌ସର ରୋଗୀଙ୍କ ସମସ୍ୟା ବୃଦ୍ଧି, ଡାକ୍ତରଖାନା ସ୍ଥାନାନ୍ତର, ବୁଲା ଗାଈଗୋରୁ ସମସ୍ୟା, ପାନୀୟଜଳ ଆଦି ସମସ୍ୟା ଉଠାଇ ଥିବାବେଳେ ଅନ୍ୟତମ ସ୍ୱାଧୀନ ପ୍ରାର୍ଥିନୀ ଜ୍ୟୋତ୍ସ୍ନା ଚୌହାନ ଶାସକ ଦଳକୁ ଇଙ୍ଗିତ କରି ସହରର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସେହିପରି କଂଗ୍ରେସ ନେତା ନିପନ କୁମାର ଦାଶ, ଭାଜପା ନେତା ରବି ନାରାୟଣ ଦାଶ, ବିଜେଡ଼ି ନେତା ଅଚ୍ୟୁତାନନ୍ଦ ମହାପାତ୍ର, ଆପ୍ ନେତା ଅମିତାଭ ପାତ୍ର, ବିଏସ୍‌ପିର ଜିଲା ସଭାପତି ଜୟରାମ ବାଘ ପ୍ରମୁଖ ପୌର ନିର୍ବାଚନରେ ଦଳର ଆଭିମୁଖ୍ୟ ନେଇ ମତ ରଖିଥିଲେ। ବରଗଡ଼ ସାମ୍ବାଦିକ ସଂଘ ଉପସଭାପତି ବିରେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନ୍ୟ କର୍ମକର୍ତ୍ତା, ସଭ୍ୟମାନେ ସହଯୋଗ କରିଥିଲେ।


ଆଲୋଚନାଚକ୍ର ମଞ୍ଚରେ ପୌରାଧ୍ୟକ୍ଷା ପ୍ରାର୍ଥିନୀବୃନ୍ଦ।

# ଟୋକନ ଅବଧିକୁ ନେଇ ଅସନ୍ତୋଷ

**ବରଗଡ଼ ଅଫିସ୍,୨୧।୩**

ବରଗଡ଼ ଜିଲାରେ ଆଉ କିଛିଦିନ ପରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଏଥିପାଇଁ ଏବେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଛି। ପଞ୍ଜୀକରଣ ସମୟରେ ଚାଷୀଙ୍କୁ ଯେଉଁ ଟୋକନ ଅବଧି ଦିଆଯାଉଛି, ତାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ସୋମବାର ଜିଲାର ରେଶମ, ସାହ୍ଲେପାଲି, ପ୍ରଧାନପାଲି ଅଞ୍ଚଳର ଚାଷୀମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ଭେଟି ସମସ୍ୟା ଉପରେ ଅବଗତ କରିବା ସହିତ ପୁନର୍ବିଚାର କରିବାକୁ ନିବେଦନ କରିଛନ୍ତି।

ସୂଚନା ଅନୁଯାୟୀ, ମେ ୧ରୁ ସେହି ମାସ ୧୫ତାରିଖ, ମେ ୧୬ରୁ ୩୦ ତାରିଖ ଏବଂ ଜୁନ ୧ରୁ ୧୫ତାରିଖ ଏଭଳି ୩ପର୍ଯ୍ୟାୟ ଟୋକନ ଅବଧି ରହିଛି। ଚାଷୀମାନେ କେଉଁ ପର୍ଯ୍ୟାୟରେ ଟୋକନ ନେବେ, ପଞ୍ଜୀକରଣବେଳେ ତାହା ଜଣାଇବାକୁ କୁହାଯାଉଛି। ଏହି କ୍ରମରେ ଟୋକନ ଅବଧି ମାତ୍ର ୧୫ଦିନ ରହିଛି ବୋଲି ଚାଷୀମାନେ କହିଛନ୍ତି। ଏଭଳି କରାଗଲେ ବହୁତ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବା ଆଶଙ୍କା ରହିଛି। ଫଳରେ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ରେଶମର ମହେଶ୍ୱର ପ୍ରଧାନ, ସୁଦାମ ପାତ୍ର, ସାହ୍ଲେପାଲିର ସେବକ ଭୋଇ, ଗୋପାଳ ସାହୁ, ପ୍ରଧାନପାଲିର ସମ୍ପୂର୍ଣ୍ଣ ମାଝି, ଶୁଭ୍ରାଂଶୁ ପ୍ରଧାନଙ୍କ ସମେତ ଅନେକ ଚାଷୀ ଏହି ସମସ୍ୟା ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।


ଚାଷୀ ପ୍ରତିନିଧିମାନେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କୁ ଭେଟୁଛନ୍ତି।

# ସୁସ୍ଥ ସମାଜ ଗଠନରେ ପ୍ରୟାସ ଜାରି ରଖ

## ଜାତୀୟ ଟିକାକରଣ ଦିବସରେ ଏଏନଏମ, ଆଶାକର୍ମୀ ସମ୍ମାନିତ

**ସୋନପୁର, ୨୧।୩(ନି. ପ୍ର)**

ସୁବର୍ଣ୍ଣପୁର ଜିଲା ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ନାରାୟଣପୁର ପଞ୍ଚାୟତ ଅଫିସ ସଭାଗୃହରେ ବ୍ଲକସ୍ତରୀୟ ଜାତୀୟ ଟୀକାକରଣ ଦିବସ ସୋମବାର ପାଳିତ ହୋଇଯାଇଛି। ନିରବଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟକର୍ମୀମାନଙ୍କର ଉତ୍ସର୍ଗୀକୃତ ସେବା ଯୋଗୁଁ ଭାରତ ଆଜି ପୋଲିଓ ରୋଗ ଉପରେ ବିଜୟ ଲାଭ କରିଛି ବୋଲି ମଞ୍ଚାସୀନ ଅତିଥିମାନେ ମତପ୍ରକାଶ କରିଥିଲେ। ଏକ ସୁସ୍ଥ ସମାଜ ଗଠନ ଦିଗରେ ନିଜର ପ୍ରୟାସ ଜାରି ରଖିବାକୁ ଉପସ୍ଥିତ ସ୍ୱାସ୍ଥ୍ୟକର୍ମୀ ଓ ଆଶାମାନଙ୍କୁ ସେମାନେ ଆହ୍ୱାନ ଦେଇଥିଲେ। ଗତ ଫେବୃୟାରୀରେ ଅନୁଷ୍ଠିତ ପଲସ ପୋଲିଓ କାର୍ଯ୍ୟକ୍ରମରେ ଉତ୍କୃଷ୍ଟ ସେବା ପ୍ରଦାନ ପାଇଁ ଏହି ଅବସରରେ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରତିମା ତ୍ରିପାଠୀ, ଆଶାକର୍ମୀ ସବିତା ନାଏକ ଏବଂ ଯଶୋବନ୍ତୀ ନାଗଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପରିବାର ନିୟୋଜନ ସେବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ପାଇଁ ଅତିରିକ୍ତ ଏଏନଏମ ଜ୍ୟୋତ୍ସ୍ନାମୟୀ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ପର୍ବରେ ମହିଳା ସ୍ୱାସ୍ଥ୍ୟକର୍ମୀ ରଞ୍ଜିତା ପଣ୍ଡା କବିତା ପାଠ କରିଥିଲେ। ଅଧୀକ୍ଷକ ଡାକ୍ତର ସଙ୍ଗୀତା ଚୌଧୁରୀ, ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ମଲ୍ଲିକଙ୍କ ସମେତ ଆଶାକର୍ମୀମାନେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ନାଇକେନପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ସଙ୍ଗୀତା ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ସାହୁ ସଂଯୋଜନା କରିଥିଲେ। ବିପିଏମ ଅଶୋକ ମିଶ୍ର, ଆୟୁଷ ଡାକ୍ତର ପ୍ରମୋଦ ମେହେର ମଞ୍ଚାସୀନ ଥିଲେ। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟସେବା ସମ୍ମାନ ସମାରୋହରେ ଆଶାକର୍ମୀ ପଦ୍ମିନୀ ଦାଶ, ସବିତା ନାଏକ, ଅମ୍ବିକା ନାୟକଙ୍କୁ ସମ୍ମାନିତ କରାଯାଇଥିଲା।



ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ସମ୍ମାନିତ କରାଯାଉଛି।

# ବରପାଲିରେ ବିଶ୍ୱ ବନ ଦିବସ

**ବରପାଲି,୨୧।୩(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି କଲେଜ ଅଡ଼ିଟୋରିୟମରେ ସୋମବାର ଜିଲା ପରିବେଶ ସମିତି, ଜିଲା ପରିବେଶ ସଚେତନତା ସମିତି ଏବଂ ବରପାଲି ଇକୋ କ୍ଲବର ମିଳିତ ଆନୁକୂଲ୍ୟରେ ବିଶ୍ୱ ବନ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରକୃତି ଓ ମଣିଷ ସଭ୍ୟତା ଉପରେ ଆଲୋଚନାଚକ୍ର ହୋଇଥିଲା। ତେଜରାଜ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟ ଅତିଥି, ବରପାଲି କଲେଜ ଅଧ୍ୟକ୍ଷା ସୌଦାମିନୀ ପାଣ୍ଡେ, ରେଶମ କଲେଜର ପୂର୍ବତନ ଅଧ୍ୟକ୍ଷ ପୁରନ୍ଦର ନନ୍ଦ ସମ୍ମାନିତ ଅତିଥି, ଜିଲା ଗଛଲଗା ମିଶନ ସଭାପତି ଜେଠୁ ଭୋଇ ସମ୍ମାନିତ ବକ୍ତା ଭାବେ ଯୋଗଦାନ କରିଥିଲେ। ଇକୋ କ୍ଲବ ସହ ସଂଯୋଜିକା ପ୍ରଜ୍ଞା ପାରମିତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅପହରଣକାରୀଙ୍କୁ ଜେଲଦଣ୍ଡ, ଜରିମାନା

## ଦୀର୍ଘ ୨୨ବର୍ଷ ପରେ ରାୟ

**ସୋନପୁର,୨୨।୩(ନି.ପ୍ର.)**

ଜମି ବାଡି ଓ ମଇଁଷି ଭାଗବଣ୍ଟାକୁ ନେଇ ଯୁବକଙ୍କୁ ଅପହରଣ ଓ ହତ୍ୟା ଘଟଣାର ରାୟ ଦୀର୍ଘ ୨୨ ବର୍ଷ ପରେ ସୋମବାର ପ୍ରକାଶ ପାଇଛି। ମୋଟ ୧୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ, ଡାକ୍ତରୀ ରିପୋର୍ଟ ଓ ପୋଲିସ ତଦନ୍ତକୁ ଭିତ୍ତି କରି ସୁବର୍ଣ୍ଣପୁର ଜିଲା ଦୌରାଜଜ ହିରଣ୍ମୟ ବିଶୋୟୀ ୭ଅଭିଯୁକ୍ତଙ୍କୁ ଅପହରଣ ଅଭିଯୋଗରେ ୩ ବର୍ଷ ଜେଲଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ତେବେ ପ୍ରମାଣ ଅଭାବରୁ ହତ୍ୟା ଅଭିଯୋଗରୁ ସମସ୍ତ ଅଭିଯୁକ୍ତଙ୍କୁ ଖଲାସ କରି ଦିଆଯାଇଛି।

୨୦୦୦ ମସିହା ସେପ୍ଟେମ୍ବର ୧୩ ତାରିଖ ରାତିରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ସିଣ୍ଢୋଲ ନିକଟ ଅମୁର୍ଡା ଗ୍ରାମର ବନ ପଧାନଙ୍କୁ ମାରଣାସ୍ତ୍ର ଦେଖାଇ ଘରୁ ଅପହରଣ କରାଯାଇଥିଲା। ପରଦିନ ସକାଳେ ବନଙ୍କ ସ୍ତ୍ରୀ ଖିରାଦି ଉଲୁଣ୍ଡା ଥାନାରେ ଅଭିଯୋଗ କରିଥିଲେ ଯେ, ଜମିବାଡି ଓ ମଇଁଷି ଭାଗବଣ୍ଟାକୁ ନେଇ ତାଙ୍କର ଓ ଦେଢଶୁର ସୋମନାଥ ପଧାନଙ୍କ ମଧ୍ୟରେ ୧୫ ଦିନ ପୂର୍ବରୁ ଝଗଡା ହୋଇଥିଲା। ୧୩ ତାରିଖ ସନ୍ଧ୍ୟାରେ ବନ ୨ଟି ମଇଁଷିକୁ ଚରାଇ ଘରକୁ ଫେରୁଥିଲେ। ଏହି ସମୟରେ ଗାଁ ମଣ୍ଡପ ପାଖରେ ଅମୁର୍ଡା ଗାଁର ମୁଦୁଲି ପଧାନ, ଆଶାରାମ ସାହୁ ଓ ଧୋବା ସାହୁ ତାଙ୍କ ସ୍ୱାମୀ ବନଙ୍କୁ ଧମକ ଦେଇଥିଲେ। ରାତିରେ ଘରେ ଶୋଇଥିଲା ବେଳେ ଗାଁର ସୋମନାଥ, ମୁଦୁଲି, ଆଶାରାମ, ଧୋବା, ନେହେରୁ ପଧାନ, ଦାମ ନାଗ ଓ ଦାଶ ସାହୁ ପ୍ରମୁଖ ୭ ଜଣ ଶୋଇବା ଘରେ ପଶି ମାରଣାସ୍ତ୍ର ଦେଖାଇ ବନଙ୍କୁ କ୍ଷେତ ଆଡକୁ ବଳପୂର୍ବକ ନେଇ ଯାଇଥିଲେ। ଡିବିରି ଆଲୁଅରେ ଖିରାଦି ଏହା ଦେଖିବା ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ଘଟଣା ସମ୍ପର୍କରେ ଜଣାଇବା ପାଇଁ ରାତିରେ ସେ ୱାର୍ଡ ମେମ୍ବର ସୁଦାମ ବାରିକଙ୍କ ଘରକୁ ଯାଇଥିଲେ। ତେବେ ସୁଦାମଙ୍କୁ ଜ୍ୱର ହୋଇ ଥିବାରୁ ସେ ଏହି ଘଟଣାରେ କୌଣସି ସହାୟତା କରି ପାରି ନ ଥିଲେ। ପରେ ଗ୍ରାମର ମକରଧ୍ୱଜ ପଧାନଙ୍କ ଘରକୁ ଯାଇ ଖିରାଦି ସମସ୍ତ କଥା କହିଥିଲେ। ସକାଳ ହେବା ପରେ ମକରଧ୍ୱଜଙ୍କ ସହିତ ଉଲୁଣ୍ଡା ଥାନାକୁ ଯାଇ ଖିରାଦି ଲିଖିତ ଅଭିଯୋଗ କରିଥିଲେ। ପରଦିନ ବନଙ୍କ ମୃତଦେହ ଏକ ଜରି ଅଖାବସ୍ତା ଭିତରୁ ମହାନଦୀର ଟାଙ୍ଗରଘାଟ ନିକଟରୁ ମିଳିଥିଲା। ଉଲୁଣ୍ଡା ଥାନାରେ ଦଫା ୩୦୨, ୨୦୧, ୩୬୫, ୪୫୧, ୩୯୨, ୫୦୬, ୪୯୧, ୩୪ ଆଇପିସିରେ ଏକ ମାମଲା (୪୩/୨୦୦୦)ରୁଜୁ ହୋଇଥିଲା। ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ଅଭିଯୁକ୍ତମାନେ ଜାମିନ୍ ପାଇଥିଲେ। ସେସନ୍ସ କେଶ ନମ୍ବର ୧୩୧୪୪/୨୦୦୧ରେ ମାମଲା ବିଚାରଧୀନ ଥିଲା। ବିଚାରପତି ସାକ୍ଷ୍ୟ ପ୍ରମାଣ ଓ କାଗଜାତକୁ ଭିତ୍ତି କରି ହତ୍ୟା ଅଭିଯୋଗରୁ ଅଭିଯୁକ୍ତଙ୍କୁ ଖଲାସ କରିଥିବା ବେଳେ ଦଫା ୩୬୫ରେ ୩ ବର୍ଷ ଜେଲଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା, ଦଫା ୫୦୬ରେ ୩ବର୍ଷ ଜେଲଦଣ୍ଡ ଓ ୨ହଜାର ଟଙ୍କା ଜରିମାନା ଓ ଦଫା ୪୯୧ରେ ୨ ବର୍ଷ ଜେଲଦଣ୍ଡ ଓ ୧ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି।

# ବଢ଼ି ଚାଲିଛି ଶିଶୁ ଶ୍ରମିକ ସଂଖ୍ୟା

- ଶ୍ରମଜୀବୀଙ୍କ ପିଲା ପାଲଟୁଛନ୍ତି ଶିଶୁ ଶ୍ରମିକ
- ନିୟୋଜିତ ସଂସ୍ଥା ଉପରେ ଚଢ଼ାଉ କରାଯିବ: ଶ୍ରମ ଅଧିକାରୀ

**ବିନିକା,୨୧।୩(ଡି.ଏନ୍.ଏ)**

ଯେଉଁ ବୟସରେ ଖେଳକୁଦ, ପାଠ ପଢିବା କଥା ସେହି ବୟସରେ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଅନେକ ପିଲା ପାଲଟି ଯାଉଛନ୍ତି ଶିଶୁ ଶ୍ରମିକ। ହୋଟେଲ, ଢାବା, ଝଲେଇ ଦୋକାନ, ଗ୍ୟାରେଜରେ ସେମାନଙ୍କୁ ଦୟନୀୟ ଅବସ୍ଥାରେ କାମ କରୁଥିବା ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ଥିବା ସରକାରୀ ନିୟମର ଏଠାରେ ଅନୁସରଣ କଲା ଭଳି ମନେ ହେଉନାହିଁ। କାମଧନ୍ଦା ନ ପାଇ ସନ୍ତୁଳିତ ହେଉଥିବା ପରିବାରର ଛୋଟ ପିଲାମାନେ କାମ କରିବାକୁ ଘରୁ ଗୋଡ କାଢୁଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ କାମ ନ ମିଳିବା ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧିର ଅନ୍ୟତମ କାରଣ ବୋଲି କୁହାଯାଉଛି। ପଞ୍ଚାୟତରେ ଶ୍ରମିକଙ୍କୁ ମିଳୁନି ୧୦୦ ଦିନର କାମ। ସବୁକାମ ମେଶିନ ଯୋଗେ କରାଯାଉଛି। ଫଳରେ କାମ ନ ପାଇ ଶ୍ରମିକମାନେ ବାହାର ରାଜ୍ୟକୁ ଦାଦନ ଖଟି ଯାଉଛନ୍ତି। ଘରେ ଥିବା ସେମାନଙ୍କ ପିଲାଏ ପେଟବିକଳରେ ଶିଶୁ ଶ୍ରମିକ ସାଜୁଛନ୍ତି। ଏ ନେଇ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କୁ ପଚାରିବାରୁ ବିନିକା ଅଞ୍ଚଳରେ ଶିଶୁମାନଙ୍କୁ ଶ୍ରମିକ ଭାବେ ନିୟୋଜିତ ରହିଥିବା ପ୍ରତିଷ୍ଠାନ ଉପରେ ଚଢାଉ କରାଯିବ। ଏଥିସହ ଶ୍ରମିକମାନେ ନିଜ ପଞ୍ଚାୟତରେ ୧୦୦ଦିନର କାମ ମାଗନ୍ତୁ। ନ ମିଳିଲେ ଜିଲା ପଞ୍ଚାୟତିରାଜ ବିଭାଗରେ ଅଭିଯୋଗ କରନ୍ତୁ ବୋଲି କହିଥିଲେ।

# ସେବା ପାଇଁ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୨୧।୩**

ବରଗଡ଼ର ନିଷ୍ଠା ପରିବାର ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସାହିତ୍ୟିକା ଇତିରାଣୀ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଧାରୀ ଏବଂ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ। ଆଦର୍ଶ ଶିକ୍ଷକ ତଥା ସମାଜସେବୀ ଦିବସ କୁମାର ସାହୁ, ମୁକୁନ୍ଦ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମଦନ ମୋହନ ଦାଶ ମଞ୍ଚ ସଂଯୋଜନା କରିଥିଲେ।

# କମସରା ଚାମ୍ପିୟନ

## ସୁଜିତ ମେମୋରିଆଲ କ୍ରିକେଟ୍

**ସୋନପୁର,୨୧।୩(ନି.ପ୍ର.)**

୧୬ତମ ସୁଜିତ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସମଲେଶ୍ୱରୀ ସ୍ପୋର୍ଟିଂ ଘୋଡାଘାଟପଡା ପକ୍ଷରୁ ପ୍ରଥମ ଥର ପାଇଁ ସୋନପୁର କଲେଜ ପଡିଆରେ ଏହି ଫ୍ଲଡ ଲାଇଟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଫାଇନାଲ ମ୍ୟାଚ୍ କମସରା ଓ ଭୀମ ସ୍ପୋର୍ଟିଂ ସୋନପୁର ମଧ୍ୟରେ ହୋଇଥିଲା। ଭୀମ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ୭ ଓଭରରେ ୪୦ ରନ ସଂଗ୍ରହ କରିଥିଲା। କମସରା ଦଳ ୨ ଉଇକେଟ୍‌ରେ ଏହି ମ୍ୟାଚ୍ ଜିତି ନେଇଥିଲା। ୭ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ଉଭୟ ଦଳର ୮ ଜଣ ଲେଖାଏ ଖେଳାଳି ରହିଥିଲେ। ରବିବାର ରାତିରେ ଟୁର୍ନାମେଣ୍ଟର ସେମି ଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଲବମ ଅଭିନେତ୍ରୀ ଅର୍ଚ୍ଚିତା ମୁଖ୍ୟ ଅତିଥି, ସାମାଜିକ କର୍ମୀ ଶ୍ରୀବତ୍ସ ମଲ୍ଲିକ, ଗୋବିନ୍ଦ ମହାଣା, ବାପୁଜୀ କ୍ଲବର ସଭାପତି ଶିବ ପ୍ରସାଦ ଗୁରୁ, ବଳରାମ ପଟ୍ଟନାୟକ, ନିଶାନ୍ତ ମହାନ୍ତି ଓ ସୋମନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏସ ଏସ ସ୍ପୋର୍ଟିଂର ରିକନ ମହାରଣାଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ, ଭୀମ ସ୍ପୋର୍ଟିଂର କୁମାର ସାଗରଙ୍କୁ ବେଷ୍ଟ ବୋଲର, ମନୋଜ ବଡଛାଟଙ୍କୁ ମ୍ୟାନ୍ ଅଫ ଦି ସିରିଜ୍ ଓ କମସରା ଦଳର ସଞ୍ଜିବ୍‌ଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

# ବୌଦ୍ଧରେ ନିର୍ବାଚନୀ ପ୍ରଚାର ଜୋରଦାର

## ପ୍ରଚାରରେ ସାମିଲ ହେଲେ ମନ୍ତ୍ରୀ ପଦ୍ମନାଭ ବେହେରା

**ବୌଦ୍ଧ,୨୧।୩ (ସ୍ୱ.ପ୍ର)**

ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପ୍ରଚାର ଜୋରଦାର ଚାଲିଛି। ପ୍ରଚାର ପାଇଁ ହାତରେ ଗୋଟିଏ ଦିନ ଥିବା ବେଳେ କିନ୍ତୁ ବିଜେଡି ପକ୍ଷରୁ ଦଳୀୟ ପ୍ରାର୍ଥୀ ପାଇଁ ପ୍ରଚାର ଜୋରଦାର କରିଛି। ଗତ ରବିବାର କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ବୌଦ୍ଧରେ ବିଭିନ୍ନ ୱାର୍ଡରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ସୋମବାର ଅପରାହ୍ନରେ ବୌଦ୍ଧବାସୀଙ୍କ ଜଣାଶୁଣା ନେତା ତଥା ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରଚାରରେ ସାମିଲ ହୋଇ ବୁଟୁପାଲି ୧୨ ଓ ୧୭ ନମ୍ବର ୱାର୍ଡରେ ବିଧାୟକ ପ୍ରଦୀପ କୁମାର ଅମାତ ଓ ପୂର୍ବତନ ବିଏନିକା ସଭାପତି ଶେଷ କୁମାର ମେହେରଙ୍କ ସହ ଦଳୀୟ ଅଧକ୍ଷ ପ୍ରାର୍ଥୀ ମୃତ୍ୟୁଞ୍ଜୟ ମିଶ୍ର ଓ ୱାର୍ଡ ପ୍ରାର୍ଥୀମାନଙ୍କୁ ବିଜୟୀ କରାଇବାକୁ ଜୋରଦାର ପ୍ରଚାର କରିଛନ୍ତି। ମନ୍ତ୍ରୀ ବେହେରାଙ୍କୁ ଦଳୀୟ ନେତା ଓ କର୍ମୀମାନେ ବୁଟୁପାଲିଠାରେ ସ୍ୱାଗତ କରିବାପରେ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପ୍ରଚାର କାର୍ଯ୍ୟ ଆରମ୍ଭ କରିଥିଲେ। ମନ୍ତ୍ରୀ ବେହେରା ଓ ଅନ୍ୟ ନେତୃମଣ୍ଡଳୀ ଶହଶହ କର୍ମୀଙ୍କ ଗହଣରେ ୧୨ନମ୍ବର ଓ ୧୭ ନମ୍ବର ୱାର୍ଡ ପରିକ୍ରମା କରିବା ସହିତ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାକୁ ନିବେଦନ କରିଥିଲେ। ପରେ ମନ୍ତ୍ରୀ ବେହେରା ଓ ଅନ୍ୟ ନେତୃମଣ୍ଡଳୀ ୩, ୪ ଓ ୭ ନମ୍ବର ୱାର୍ଡରେ ମଧ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ବିଶେଷ ଭାବରେ ରାଜ୍ୟରେ ବିଜେଡି ଶାସନ କ୍ଷମତାରେ ରହିଥିବାବେଳେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇଲେ ବିକାଶ କାର୍ଯ୍ୟରେ ଅର୍ଥର ଅଭାବ ରହିବ ନାହିଁ ଏବଂ ଅଞ୍ଚଳର ସମସ୍ତ ବର୍ଗର ଲୋକଙ୍କ ଆଶା ଆକାଂକ୍ଷା ପୂରଣ ହୋଇପାରିବ ବୋଲି ମନ୍ତ୍ରୀ ବକ୍ତବ୍ୟ ରଖିଥିଲେ। ଏହି ପ୍ରଚାର ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ଯୁଗ୍ମସଂପାଦକ ଅଶୋକ କୁମାର ସାହୁ, ସାଂସଦ ପ୍ରତିନିଧି ତାରେଣୀ ମହାପାତ୍ର, ଗିରିଜା ପାଢୀ, ବସନ୍ତ ସ୍ୱାଇଁ ସାମିଲ ଥିଲେ।


ବୁଟୁପାଲିଠାରେ ମନ୍ତ୍ରୀ ପଦ୍ମନାଭ ବେହେରା, ବିଧାୟକ ପ୍ରଦୀପ କୁମାର ଅମାତ ଦଳୀୟ ନେତା ଓ କର୍ମୀଙ୍କ ସହ ପ୍ରଚାର କରୁଛନ୍ତି।

## ବିଶ୍ୱ ବନ ଦିବସ ପାଳିତ

ଖପ୍ରାଖୋଲ, (ଡି.ଏନ.ଏ.): ଖପ୍ରାଖୋଲ ବ୍ଲକ ଫୁଲକିମୁଣ୍ଡା ହାଇସ୍କୁଲରେ ସୋମବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରିଧାରୀ ନାଗ, ସମ୍ମାନିତ ଅତିଥି ବନପାଳ ଅରବିନ୍ଦ ଧାରୁଆ, ଘାସିରାମ ଦୀକ୍ଷିତ, ପ୍ରିୟବ୍ରତ ମାହାକୁଡ଼, ସଞ୍ଜୀବ ପଣ୍ଡା, ତହସିଲ ବାଗ, ଭକ୍ତ ଗଡ଼ତିଆ, ଧ୍ରୁବ ମାଝି ଯୋଗଦେଇଥିଲେ। ଅତିଥିମାନେ ଜଙ୍ଗଲ ଏବଂ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଜନସାଧାରଣ ସଂଗଠିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ପରିବେଶ ସୁରକ୍ଷା ସମ୍ବନ୍ଧିତ ଚିତ୍ରାଙ୍କନ ଏବଂ ପ୍ରବନ୍ଧ ଲିଖନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ସଂକ୍ଷେପରେ

### ନୂଆପଡ଼ାରେ ବଢୁଛି ମଦ କାରବାର

**ଲୋଇସିଂହା,୨୧।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ନୂଆପଡାରେ ମଦ କାରବାର ବଢ଼ିବାର ଲାଗିଛି। ଏହାକୁ ନେଇ ପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଲୋଇସିଂହା ଥାନାଠାରୁ ମାତ୍ର ୨ ଶହ ମିଟର ଦୂରରେ ଅବସ୍ଥିତ ଏହି ବସ୍ତିର ୬ଟି ସ୍ଥାନରେ ରନ୍ଧାମଦଠାରୁ ପାଉଚ ମଦ ଖୋଲାଖୋଲି ବିକ୍ରି ହେଉଛି। ଏଥିଯୋଗୁ ବସ୍ତିର ମହିଳାମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏହି ରାସ୍ତା ଦେଇ ସ୍କୁଲ ଯାଉଥିବା ଛାତ୍ରୀଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ସ୍ଥାନୀୟ ଅବକାରୀ ବିଭାଗର ଅପରାଗତାରୁ ନୂଆପଡାର ଶାନ୍ତ ପରିବେଶ କଳୁଷିତ ହେଉଥିବା ବସ୍ତିର ସଚେତନ ଯୁବକମାନେ ଅଭିଯୋଗ କରିଛନ୍ତି। ଏଥିପ୍ରତି ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଅଟୋପାର୍ଟ୍ସ ଦୋକାନରୁ ଚୋରି ସାମଗ୍ରୀ ଜବତ

**ଲୋଇସିଂହା,୨୧।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ଏକ ଅଟୋପାର୍ଟ୍ସ ଦୋକାନରେ ପୋଲିସ ଚଢାଉ କରି ଚୋରି ସାମଗ୍ରୀ ଜବତ କରିଛି। ଚୋରି ସାମଗ୍ରୀ ରଖିବା ଅଭିଯୋଗରେ ସମ୍ପୃକ୍ତ ଦୋକାନ ମାଲିକଙ୍କୁ ପୋଲିସ ଅଟକ ରଖିଛି। ପୋଲିସ ସୂଚନାମତେ, ଲୋଇସିଂହା ଥାନା ଆଗଲପୁର ବ୍ଲକ ଡୁଡୁକା, ଝରଣିପାଲି ଅଞ୍ଚଳରୁ ଦୁଇଟି ବୋଲେରୋ କିଛି ମାସ ପୂର୍ବରୁ ଚୋରି ହୋଇଥିଲା। ଯାନବାହନ ଏବଂ କେତେକ ସ୍ଥାନରେ ଅଟୋପାର୍ଟ୍ସ ଚୋରି ସଂକ୍ରାନ୍ତରେ ପୋଲିସ କେତେଜଣ ଅଭିଯୁକ୍ତଙ୍କୁ ଧରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ ଚୋରି ସାମଗ୍ରୀ ବୁର୍ଡା ଅଟୋପାର୍ଟ୍ସ ଦୋକାନରେ ବିକ୍ରି କରିଥିବା ଜେରାବେଳେ ପୋଲିସକୁ କହିଥିଲେ। ଏହି ସୂଚନା ଆଧାରରେ ପୋଲିସ ଉକ୍ତ ଅଟୋପାର୍ଟ୍ସ ଦୋକାନରେ ଚଢାଉ କରି ଚୋରି ସାମଗ୍ରୀ ଜବତ କରିଥିବା ଏଏସଆଇ ଅଶୋକ ପ୍ରଧାନ କହିଛନ୍ତି।

### ସୋଲାର ପାନୀୟ ଜଳ ପ୍ରକଳ୍ପ ଅଚଳ

**ଲୋଇସିଂହା,୨୧।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାନିପାଲି ପଞ୍ଚାୟତ ଅନ୍ତର୍ଗତ ବବଜା ଗ୍ରାମର ସୋଲାର ପାନୀୟ ପ୍ରକଳ୍ପ ଗତ ଦୁଇମାସ ହେଲା ଅଚଳ ହୋଇ ପଡିଛି। ଫଳରେ ଗ୍ରାମବାସୀ ପାଣି



ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବବଜା ଗ୍ରାମରେ ଦେଢ ଶହ ପରିବାର ବାସ କରୁଛନ୍ତି। ଗ୍ରାମରେ ଥିବା ନଳକୂପ ପାଣି କେବଳ ପିଇବା ଉପଯୋଗୀ। ତେଣୁ ଗ୍ରାମପଞ୍ଚାୟତ କାର୍ଯ୍ୟ ନିର୍ବାହୀ ସଂସ୍ଥା ପକ୍ଷରୁ ନିରନ୍ତର ପିଇବା ପାଣି ଯୋଗାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ୪ ଲକ୍ଷ ୯୫ ହଜାର ଟଙ୍କା ବ୍ୟୟରେ ଉକ୍ତ ନଳକୂପରେ ସୋଲାର ପକଳ୍ପ ବସାଯାଇଛି। ପ୍ରକଳ୍ପ ପ୍ରାୟ ଦୁଇ ମାସ ସୁରୁଖୁରୁରେ ଚାଲିବା ପରେ ଅଚଳ ହୋଇ ପଡିଛି। ଗ୍ରାମରେ ପିଇବା ଉପଯୋଗୀ ପାଣି ନଳକୂପରୁ ବାହାରୁ ନ ଥିବାରୁ ଗ୍ରାମବାସୀ ଅନ୍ୟନୋପାୟ ହୋଇ ପୋଖରୀ ପାଣିକୁ ପାନୀୟ ଭାବେ ବ୍ୟବହାର କରୁଛନ୍ତି। ଏନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ ଗ୍ରାମବାସୀ ସୁଫଳ ପାଇ ନାହାନ୍ତି। ଏପଟେ ଗ୍ରୀଷ୍ମ ପ୍ରଭାବ ବୃଦ୍ଧି ପାଉଥିବାବେଳେ ଘରେ ଘରେ ପିଇବା ପାଣିର ଅବଶ୍ୟକତା ବଢିଛି। ଏନେଇ ପ୍ରଶାସନର ଦ୍ୱାରସ୍ଥ ହେବା ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି।

### ରୋଷେୟା, ସେବାୟତଙ୍କ ଚାକିରି ନିୟମିତ କର

**କଣ୍ଟାବାଞ୍ଜି, ୨୧।୩(ଡି.ଏନ୍.ଏ.):** ଓଡ଼ିଶା ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସ୍କୁଲ ହଷ୍ଟେଲରେ ନିଯୁକ୍ତ ରୋଷେୟା ଏବଂ ସେବାୟତଙ୍କ ଚାକିରି ନିୟମିତ କରିବା ପାଇଁ ଦାବି ହୋଇଛି। ଦୈନିକ ୨୪ଘଣ୍ଟା କାର୍ଯ୍ୟରତ ଥିଲେ ହେଁ ସେମାନଙ୍କୁ ୮ଘଣ୍ଟାର ପାରିଶ୍ରମିକ ଦିଆଯାଉଛି। ଏପରିକି ଅର୍ଦ୍ଧକୁଶଳୀ ବିବେଚନାକରି ମାସିକ ଦରମା ଦିଆଯାଉଛି। କାର୍ଯ୍ୟରତ କର୍ମଚାରୀଙ୍କୁ ଶ୍ରମ ବିଭାଗ ପ୍ରତି ୬ମାସରେ ଭିଡିଏର ବ୍ୟବସ୍ଥା କରି ୩୫ଟଙ୍କା ବୃଦ୍ଧି କରିଛନ୍ତି। କିନ୍ତୁ ବର୍ଦ୍ଧିତ ଦରମା ଅବଧି ପର୍ଯ୍ୟନ୍ତ ମିଳିନାହିଁ ପୁନଶ୍ଚ କେତେଜଣ ରୋଷେୟା ଏବଂ ସେବାୟତଙ୍କ ବୟସ ୬୦ବର୍ଷ ପାଖାପାଖି ହୋଇଥିଲେ ସୁଦ୍ଧା ଚାକିରିରେ ନିୟମିତ କରାଯାଇ ନାହିଁ ଏଣୁ ଓଡ଼ିଶା ସରକାରଙ୍କ ସମସ୍ତ ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟରେ କାର୍ଯ୍ୟରତ ରୋଷେୟା ଏବଂ ସେବାୟତଙ୍କ ଚାକିରିକୁ ନିୟମିତ କରିବା ପାଇଁ ବଲାଙ୍ଗୀର ଜିଲା ସଂଘ ସଭାପତି ଦୁର୍ଯ୍ୟୋଧନ ବରିହା ଦାବି କରିଛନ୍ତି।

# ପାନୀୟ ଜଳ, ପମ୍ପୁ ତଳାବ ପୁନରୁଦ୍ଧାର ମୁଖ୍ୟ ପ୍ରସଙ୍ଗ

## କଣ୍ଟାବାଞ୍ଜି ଏନ୍‌ଏସି ନିର୍ବାଚନ

**କଣ୍ଟାବାଞ୍ଜି, ୨୧।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସିରେ ନିର୍ବାଚନୀ ବାତାବରଣ ଚରମସୀମାରେ ପହଞ୍ଚିଛି। ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଅଧ୍ୟକ୍ଷ ପଦ ସହ କାଉନସିଲ ଗଠନ କରିବା ଲକ୍ଷ୍ୟରେ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। ମଙ୍ଗଳବାର ପ୍ରଚାରର ଅନ୍ତିମ ଦିନ ଥିବାରୁ ରାଜନୈତିକ ଦଳଗୁଡିକ ସ୍ୱତନ୍ତ୍ର ରଣନୀତି ସହ ଭୋଟରଙ୍କୁ ମନାଇବାକୁ ପ୍ରୟାସ କରୁଛନ୍ତି। ଏଠାରେ କଂଗ୍ରେସର ସନ୍ତୋଷ ସିଂ ସାଲୁଜା ବିଧାୟକ ଥିବାରୁ ଦଳର ବିଜୟ ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ଅନୁରୂପଭାବେ ଏଠାରେ ବିଜେଡିର ବିଜୟ ପୂର୍ବତନ ବିଧାୟକ ଆୟୁବ ଖାନ ଓ ଗତ ବିଧାନସଭାରେ ପରାଜିତ ପ୍ରାର୍ଥୀ ଅଜୟ ଦାସଙ୍କ ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବ ବୋଲି କୁହାଯାଉଛି। ୨୦୧୯ ବିଧାନସଭା ନିର୍ବାଚନରେ ସ୍ୱଳ୍ପ ଭୋଟରେ ହାରିଯାଇଥିଲେ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ। ତେଣୁ ଏନ୍‌ଏସିରେ ଭାଜପାର ବିଜୟ ତାଙ୍କ ପାଇଁ ଅନୁରୂପ ଗୁରୁତ୍ୱ ବହନ କରୁଛି।

୧୬ ୱାର୍ଡ ବିଶିଷ୍ଟ କଣ୍ଟାବାଞ୍ଜି ଏନ୍‌ଏସିର ମୋଟ ଭୋଟର ସଂଖ୍ୟା ୧୭,୫୫୧। ସେମାନଙ୍କ ମଧ୍ୟରେ ୮୮୨୪ପୁରୁଷ ଓ ୮୭୨୩ମହିଳା, ୪ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଅଣସଂରକ୍ଷିତ ରହିଥିବା ଅଧ୍ୟକ୍ଷ ପଦ ପାଇଁ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଚାରିଥର କାଉନସିଲରଭାବେ କାର୍ଯ୍ୟ କରିଥିବା ବରିୟାମ ସିଂ ସାଲୁଜା କଂଗ୍ରେସର ପୌରାଧ୍ୟକ୍ଷ ପ୍ରାର୍ଥୀଭାବେ ଅବତୀର୍ଣ୍ଣ ହୋଇଛନ୍ତି। ତାଙ୍କ ପାଇଁ ବଡଭାଇ ତଥା ବିଧାୟକ ସନ୍ତୋଷ ସିଂ ସାଲୁଜା ପ୍ରଚାର ମଙ୍ଗ ଧରିଛନ୍ତି। ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥୀ ବିନୟ ଭୂଷଣ ବିଭାର ପେସାରେ ଓକିଲ। ଗତ ପୌରପାଳିକାରେ ତାଙ୍କ ମା କାଉନସିଲର ଥିଲେ । ତାଙ୍କ ପାଇଁ ପୂର୍ବତନ ବିଧାୟକ ଆୟୁବ ଖାନ ଓ ବରିଷ୍ଠ ନେତା ଅଜୟ ଦାସ ପ୍ରଚାର ଚଳାଇଛନ୍ତି। ଭାଜପାର ବେଦବ୍ୟାସ ନାଗ ଜଣେ ଡିପ୍ଲୋମା ଇଞ୍ଜିନିୟର। ସେ ଯାଦବ ସମାଜ ନଗର ସଭାପତି ଏବଂ ବିଭିନ୍ନ ସଂଗଠନ ସହ ଜଡିତ। ତାଙ୍କ ପାଇଁ ବରିଷ୍ଠ ନେତା ଲକ୍ଷ୍ମଣ ବାଗ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି ଭୋଟଭିକ୍ଷା କରୁଛନ୍ତି।

### ଅଧ୍ୟକ୍ଷ ପ୍ରାର୍ଥୀ ଯାହା କୁହନ୍ତି...



“ ଚାରି ଚାରି ଥର କାଉନସିଲର ରହିବା ସମୟରେ ୱାର୍ଡବାସୀଙ୍କ ଯେଉଁ ସେବା କରିଥିଲି ପ୍ରତିଦାନ ସ୍ୱରୂପ ଜନସାଧାରଣଙ୍କଠାରୁ ତାହାର ସମର୍ଥନ ପାଉଛି । ସହରବାସୀଙ୍କୁ ନିରନ୍ତର ପାନୀୟ ଜଳ ଯୋଗାଣ ଏବଂ ପମ୍ପୁ ତଳାବର ଉନ୍ନତୀକରଣ ସହ ସୌନ୍ଦର୍ଯ୍ୟକରଣ କରିବାକୁ ପ୍ରାଧାନ୍ୟ ଦେବି ।

**- ବରିୟାମ ସିଂ ସାଲୁଜା, କଂଗ୍ରେସ**



“ ସରକାରଙ୍କ ବିଭିନ୍ନ ଯୋଜନା କଣ୍ଟାବାଞ୍ଜି ଏନ୍‌ଏସିରେ କିଭଳି ସଫଳତାର ସହ କାର୍ଯ୍ୟକାରୀ କରାଯାଇପାରିବ, ସବୁ ଲୋକଙ୍କ ପାଖରେ କିଭଳି ପାଇପ ଜଳ ପହଞ୍ଚି ପାରିବ ସେଥିପ୍ରତି ପ୍ରାଥମିକତା ରହିବ। ନୂତନ ପ୍ରକଳ୍ପ ମାଧମରେ ସହର ସର୍ବାଙ୍ଗୀନ ବିକାଶ କିଭଳି କରାଯାଇପାରିବ ନିରନ୍ତର ପ୍ରୟାସ ରହିବ।

**- ବିନୟ ଭୂଷଣ ବିଭାର, ବିଜେଡି**



“ ଦୀର୍ଘବର୍ଷ ହେଲା ଏନ୍‌ଏସି କଂଗ୍ରେସ ଏବଂ ବିଜେଡି ଅକ୍ତିଆର କରିଆସିଛି । ସରକାରୀ ଯୋଜନା ବାଟମାରଣା ହୋଇଛି । ଭାଜପାକୁ ଅଧ୍ୟକ୍ଷ ପଦ ସହ କାଉନସିଲ ଗଠନରେ ସହରବାସୀ ଆଶୀର୍ବାଦ କଲେ ଘରେ ଘରେ ପାଇପ ପାଣି ଉପଲବ୍ଧ କରାଯିବ। କଣ୍ଟାବାଞ୍ଜିକୁ ଏକ ଆଦର୍ଶ ଏନ୍‌ଏସିରେ ପରିଣତ କରାଯିବ।

**- ବେଦବ୍ୟାସ ନାଗ, ଭାଜପା**

# ବରିଷ୍ଠ କଂଗ୍ରେସ ନେତା ବିନୋଦ ବିହାରୀ ଯାଦବଙ୍କ ପରଲୋକ

**ସିନାପାଲି,୨୧।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ଅଞ୍ଚଳର ବରିଷ୍ଠ ସାମାଜିକ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତା ବିନୋଦ ବିହାରୀ ଯାଦବ (୯୦)ଙ୍କ ସୋମବାର ଅପରାହ୍ନରେ ପରଲୋକ ଘଟିଛି। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରବିବାର ଗ୍ରାମର ରାଧାକୃଷ୍ଣ ମନ୍ଦିରରେ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦାନ ସମୟରେ ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୋମବାର ଅପରାହ୍ନ ୧ଟା ୧୫ ମିନିଟରେ ମୃତ୍ୟୁବରଣ କରିଥିଲେ। ମୃତ୍ୟୁ ସମୟରେ ବଡ଼ପୁଅ ତଥା ବରିଷ୍ଠ ଶିକ୍ଷବିତ ପ୍ରେମସିନ୍ଧୁ ହେର୍ଣ୍ଣଙ୍କ ସହିତ ବୋହୂ ଓ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ। ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡ଼ ପୁଅ ପ୍ରେମସିନ୍ଧୁ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତୀ, ବରିଷ୍ଠ ବିଜେଡି ନେତା ଲମ୍ବୋଦର ନିଆଲ, ଯାଦବ ସମାଜ ସଭାପତି ଲିଙ୍ଗରାଜ ଘିଭେଲ, ପୂର୍ବତନ ଜିଲା ପରିଷଦ



ସଦସ୍ୟ ପ୍ରିୟ ରଞ୍ଜନ ମେହେର, ବରିଷ୍ଠ ଶିକ୍ଷାବିତ୍ ଚନ୍ଦ୍ରଶେଖର ନାଏକ, ସିନାପାଲି ବ୍ଲକ କଂଗ୍ରେସ କମିଟି ସଭାପତି ଜୟପାଳ ନାଗଙ୍କ ସମେତ ଅନେକ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସେ ସିନାପାଲି ବ୍ଲକ କଂଗ୍ରେସ କମିଟିର ଅନେକ ଥର ସଭାପତି ରହିବା ସହିତ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ରହିଥିଲେ। ଜିଲା ଯାଦବ ସମାଜର ମୁଖ୍ୟ ପୁରୋଧା ରହି ସମାଜ ପାଇଁ ଅନେକ କାମ କରିଛନ୍ତି। ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଖଇରପଦରଠାରେ ବିନୋଦ ବିହାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରି ଅଞ୍ଚଳରେ ଶିକ୍ଷାର ଆଲୋକ ଦେଖାଇଥିଲେ।

# ପୌର ଅବହେଳାରୁ ମୁକ୍ତି ପାଇଁ କଂଗ୍ରେସକୁ ଭୋଟ ଦିଅନ୍ତୁ



ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀର କଂଗ୍ରେସ ପୌରାଧକ୍ଷା ପ୍ରାର୍ଥୀ ଓ କାଉନସିଲର ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରୁଛନ୍ତି।

**ବଲାଙ୍ଗୀର ଅଫିସ, ୨୧।୩**

## ମିଲନୀ, ସବିତା, ରଜନୀ, ସ୍ମିତାରାଣୀ, ସୌମ୍ୟଦୀପ, ସୁରେନ୍ଦ୍ରଙ୍କ ପାଇଁ ମାରାଥନ ପ୍ରଚାର

ବଲାଙ୍ଗୀରବାସୀଙ୍କୁ ଅନୁରୋଧ ଆସନ୍ତା ୨୪ ତାରିଖ ବହୁମୂଲ୍ୟ ମତଦାନ କଲାବେଳେ ଆପଣ ନିଜ ଅଞ୍ଚଳର ବିକାଶକୁ ପରଖନ୍ତୁ। କଂଗ୍ରେସ ଦଳ ଗତ ୭ ବର୍ଷ ଭିତରେ ଅନେକ ବିକାଶମୂଳକ କାର୍ଯ୍ୟ କରିଛି, ଅନେକ ବାକି ରହିଯାଇଛି। ବିଗତ ପୌର ପରିଷଦର ବିରୋଧ ଯୋଗୁଁ ଅନେକ ପ୍ରକଳ୍ପ ଆଗେଇ ପାରୁନାହିଁ। ସଦାସର୍ବଦା ବିକାଶର ବିରୋଧୀ ସାଜିଛି ବିଗତ ଦିନର ବିଜେଡି ଦଖଲରେ ଥିବା ପୌର ପରିଷଦ। ଗୋଟିଏ ପଟେ ପୌର ପରିଷଦର ପ୍ରତିରୋଧ ଏବଂ ତା ସହିତ ଗତ ୧୫ ବର୍ଷର ଅବହେଳାକୁ ବିରୋଧ କରି ଆଗାମୀ ୨୪ ତାରିଖରେ ହେବାକୁ ଥିବା ନିର୍ବାଚନରେ କଂଗ୍ରେସ ଦଳର ଅଧ୍ୟକ୍ଷା ପ୍ରାର୍ଥିନୀ ମିଲନୀ ସାହୁ ଏବଂ ସମସ୍ତ ୨୧ଟି ଓ୍ୱାର୍ଡର କଂଗ୍ରେସ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ହାତ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ସୋମବାର ବିଧାୟକ ନରସିଂହ ମିଶ୍ର ପୌର ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ନିର୍ବାଚନୀ ସଭାମାନଙ୍କରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରଚାର ବେଳେ ୱାର୍ଡ ନମ୍ବର ୧୮ ର କାଉନସିଲର ସୁରେନ୍ଦ୍ର ଅଶ୍ୱପାଳ, ୭ର ସବିତା ଶତପଥୀ, ୬ର ସ୍ମିତାରାଣୀ ପଟ୍ଟନାୟକ, ୧୩ର ରଜନୀ ସେଠ, ୧୫ ର ସୌମ୍ୟଦୀପ ସରାଫଙ୍କ ପାଇଁ ବିଧାୟକ ମିଶ୍ର ଭୋଟ ଭିକ୍ଷା କରିଥିଲେ। ଅଧ୍ୟକ୍ଷ ପ୍ରାର୍ଥିନୀ ମିଲନୀ ସାହୁ ତାଙ୍କ ବକ୍ତବ୍ୟରେ ଉଚିତ ଅଧ୍ୟକ୍ଷା ପ୍ରାର୍ଥୀ ଏବଂ କାଉନସିଲର ପ୍ରାର୍ଥୀଙ୍କ ସପକ୍ଷରେ ନିଜର ବହୁମୂଲ୍ୟ ମତଦାନ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ ମୁଁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଆପଣ ଦୁଃଖସୁଖର ସହଭାଗୀ ହେବି। ସଭାମାନଙ୍କରେ ନଗର ସଭାପତି ବୁଲୁ ଦାନି, ବରିଷ୍ଠ ନେତା ସୁଶାନ୍ତ ଷଡଙ୍ଗୀ, ଉମାକାନ୍ତ ସାହୁ, ପ୍ରଶାନ୍ତ ପ୍ରଧାନ, ଛାତ୍ର ସଭାପତି ଅଙ୍କିତ ସାହୁ, ଟୁନା ମିଶ୍ର, ଲୋପନ ମିଶ୍ର ଉପସ୍ଥିତ ଥିଲେ।

# ବଲାଙ୍ଗୀରର କ୍ଷିପ୍ରତର ବିକାଶ କରିବ ଭାଜପା

**ବଲାଙ୍ଗୀର ଅଫିସ, ୨୧।୩**

ବଲାଙ୍ଗୀର ପୌରପାଳିକା ବିକାଶ ଦୌଡରେ ବହୁ ପଛରେ ପଡିଯାଇଛି। ଏଠାରେ ଡ୍ରେନ୍ ଅଛି ମାତ୍ର ତାହା ଚୋକ୍ ହୋଇଯାଇଛି। ସେଥିରେ ପାଣି ନଯାଇ ରାସ୍ତା ଉପରେ ଯାଉଛି। ଡ୍ରେନ୍ ତିଆରିରେ ଦୁର୍ନୀତି ଜଳ ଜଳ ଦେଖାଯାଉଛି। ଲୋକଙ୍କ ପାଖକୁ ସ୍ୱଚ୍ଛ ପାଣି ପହଞ୍ଚି ପାରିନାହିଁ। ସହର ମଧ୍ୟରେ ଥିବା ବନ୍ଧପୋଖରୀ ଅବସ୍ଥା କହିଲେ ନସରେ। ମହିଳାମାନେ ଅସୁରକ୍ଷିତ ହୋଇ ରହିଛନ୍ତି। ସହରରେ ପ୍ରବଳ ନିଶାସେବନ ଚାଲିଛି। ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥୀ ଭାବେ ଲୋକେ ନିର୍ବାଚିତ କଲେ ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବେ ଏବଂ ବଲାଙ୍ଗୀରରକୁ ଏକ ପ୍ରଗତିଶୀଳ ସହର କରାଯିବ ବୋଲି ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥୀ ସବିତା ବାର୍ଲା କହିଛନ୍ତି। ବଲାଙ୍ଗୀର ସହରର ବିଭିନ୍ନ ୱାର୍ଡକୁ ବୁଲି ସେ ଜନସାଧାରଣଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଭିନ୍ନ ଯୁଗାନ୍ତକାରୀ ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ କହିଥିଲେ। ଭାଜପା ନେତୃତ୍ୱାଧୀନ ପୌର ପରିଷଦ ଗଠନ ହେଲେ ବିକାଶ କ୍ଷୀପ୍ରତର ହେବ ଓ ଲୋକଙ୍କ ପାଖକୁ ପହଞ୍ଚିବ ବୋଲି ସେ କହିଥିଲେ। ମହିଳା ମାନଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ସେ କାର୍ଯ୍ୟ କରିବେ ବୋଲି କହିଥିଲେ। ୱାର୍ଡ ନମ୍ବର ୧୯ ଅନ୍ତର୍ଗତ ରୁଗୁଡିପଡା ଏବଂ ସାଗରପଡା ଅଞ୍ଚଳରେ ଲୋକଙ୍କୁ ଭୋଟ ଭିକ୍ଷା କରିଥିଲେ। ଏହି ସମୟରେ ଭାଜପା କାଉନସିଲର ପ୍ରାର୍ଥୀ ହରିଶଙ୍କର ଛତ୍ରିଆ, ବରିଷ୍ଠ ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ ମଧ୍ୟ ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ।



ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥୀ ସବିତା ବାର୍ଲା ସାଗରପଡାରେ ପ୍ରଚାର କରୁଛନ୍ତି।

# ଟ୍ରକ୍ ଧକ୍କାରେ ଯୁବକ ମୃତ: ରାସ୍ତାରୋକୋ

**କର୍ଲାମୁଣ୍ଡା,୨୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବେଲପଡା ଛକରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରିଷିଡା ଗ୍ରାମର ଟୁନା ରଣା (୩୦)। ସୂଚନା ଯେ, ବେଲପଡା ପଟୁ ଏକ ଟ୍ରକ୍ (ନଂ.ଏମ୍‌ପି୨୦ଜି-ଏ୩୬୯୫) ରିଷିଡା ପଟକୁ ଆସୁଥିବା ବେଳେ ଏକ ବାଇକ୍ (ନଂ. ଓଡି୦୩ଟି୮୬୧୮)ରେ ଟୁନା ତେରେସିଂହାରୁ ରିଷିଡାକୁ ଆସୁଥିଲେ। ବେଲପଡା ଛକରେ ବାଇକ୍‌କୁ ଟ୍ରକ ଧକ୍କା ଦେଇ ଘୋଷାଡି ନେଇଥିଲା। ଟ୍ରକ୍ ତଳେ ଚାପି ହୋଇଯିବାରୁ ମୁଣ୍ଡ ଫାଟି ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସମ୍ପର୍କିୟ ଓ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଖବର ପାଇ ରିଷିଡା ଫାଣ୍ଡି ଅଧିକାରୀ କ୍ଷୀରସିନ୍ଧୁ ମାଝି ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଇଯାଇଛି। ରିପୋର୍ଟ ଲେଖାଯିବା ବେଳକୁ (ରାତି ୮ଟା ସୁଦ୍ଧା) ମୃତଦେହ ଉଠି ନ ଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମୃତକ ଜଣକ ତାଙ୍କ ଶ୍ୱଶୁର ଘର ତେରେସିଂହାରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ମୃତକଙ୍କ ଛୋଟ ଦୁଇ ଝିଅ, ଗୋଟିଏ ପୁଅ ଥିବାରୁ ଏମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ‘ବଲାଙ୍ଗୀରର ସର୍ବାଙ୍ଗୀନ ବିକାଶ ବିଜେଡିର ଲକ୍ଷ୍ୟ’

**ବଲାଙ୍ଗୀର ଅଫିସ, ୨୧।୩**

ବଲାଙ୍ଗୀର ପୌରପାଳିକାର ସର୍ବାଙ୍ଗୀନ ବିକାଶ ପାଇଁ ବିଜେଡିକୁ ଭୋଟ ଦିଅନ୍ତୁ। ସାରା ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିକାଶ କାର୍ଯ୍ୟକ୍ରମ ଜାରି ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବୈଷୟିକ ଉନ୍ନତି ଦିଗରେ ଓଡିଶା ଆଗଭର ହେଉଛି। ଗ୍ରାମାଞ୍ଚଳର ଚିତ୍ର ବଦଳିଛି। ସେହିପରି ସହରାଞ୍ଚଳର ଚିତ୍ର ମଧ୍ୟ ବଦଳିଛି। ସ୍ୱଚ୍ଛ ଶାସନ ଏବଂ ଦୁର୍ନୀତିମୁକ୍ତ ପ୍ରଶାସନ ବିଜେଡିର ଅସଲ ଶକ୍ତି। ବଲାଙ୍ଗୀର ପୌରପାଳିକାକୁ ଏକ ଉନ୍ନତ ଏବଂ ଅଗ୍ରଗଣ୍ୟ କରିବା ହିଁ ବିଜେଡିର ଲକ୍ଷ୍ୟ। କଂଗ୍ରେସ ସମୟରେ ବିକାଶ ହେଉ ନ ଥିଲା। ଏବେ ଘରେ ଘରେ ଲୋକଙ୍କ ପାଖକୁ ବିକାଶ ପହଞ୍ଚିଛି । ଏଣୁ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଲିକା ସାହୁ ଏବଂ ସମସ୍ତ ବିଜେଡି କାଉନସିଲର ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ବିଜେଡି ପରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ସୋମବାର ନିର୍ବାଚନୀ ସଭାମାନଙ୍କୁ କହିଥିଲେ। ବିଜେଡି ଯୁବନେତା ଅର୍କେଶ ନାରାୟଣ ସିଂଦେଓ ତାଙ୍କ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଏବଂ ବଲାଙ୍ଗୀର ପୌରପାଳିକାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସୂଚନା ଦେଇଥିଲେ। ଲକ୍ଷ୍ମୀଯୋର ପ୍ରସଙ୍ଗ ଉଠାଇ କଂଗ୍ରେସକୁ ଟାର୍ଗେଟ କରିଥିଲେ। ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ବିଭିନ୍ନ ୱାର୍ଡ ପରିକ୍ରମା କରି ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଓ କାଉନସିଲର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ। ଆଗାମୀ ଦିନରେ ଏକ ଉନ୍ନତ ବଲାଙ୍ଗୀର ପୌର ପରିଷଦ ଗଠନରେ ବିଜେଡି ପତିଶ୍ରୁତିବଦ୍ଧ ବୋଲି କହିଥିଲେ। ପୌରାଧ୍ୟକ୍ଷା ପ୍ରାର୍ଥୀ ଲିକା ସାହୁ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଆଗାମୀ ଦିନରେ ବିଜେଡି ପରିଷଦ ଗଠନ କଲେ ବଲାଙ୍ଗୀର ସହରରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଡ୍ରେନେଜ୍ ସିଷ୍ଟମ୍, ସ୍ୱଚ୍ଛତା ଉପରେ କାର୍ଯ୍ୟ କରାଯିବ ବୋଲି କହିଥିଲେ। ନାରୀ ସୁରକ୍ଷା ଓ ସଶକ୍ତିକରଣ ଦିଗରେ ବିଜେଡିର ଜନକଲ୍ୟାଣକାରୀ ଯୋଜନା ସମୃଦ୍ଧି ଆଣିଦେବ ବୋଲି ସେ କହିଥିଲେ। ସଭାରେ ଆଦ୍ରିଜା ମଞ୍ଜରୀ ସିଂଦେଓ, ଡା. ବାସୁଦେବ ପତି, ଭଗବାନ ବଗର୍ତ୍ତୀ, ପ୍ରଦୀପ ସାହୁ ଓ ବିଭିନ୍ନ ୱାର୍ଡର କାଉନସିଲର ପ୍ରାର୍ଥୀ ତଥା ବିଜେଡି ନେତା ଉପସ୍ଥିତ ଥିଲେ।



ବିଜେଡି ପୌରାଧକ୍ଷା ପ୍ରାର୍ଥୀ ଓ କାଉନସିଲର ପ୍ରାର୍ଥୀଙ୍କ ପାଇଁ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ପ୍ରଚାର କରୁଛନ୍ତି।

# କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ବିଧାୟକ

## ଖଡ଼ିଆଳ ଏନ୍‌ଏସି

**ଖଡିଆଳ,୨୧।୩(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଏନ୍‌ଏସି ପୌର ନିର୍ବାଚନ ପାଇଁ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ। ଏଥିପାଇଁ ୩ ପ୍ରମୁଖ ଦଳ ସମେତ ୨ ସ୍ୱାଧୀନ ପ୍ରାର୍ଥୀ ଭୋଟରମାନଙ୍କୁ ନିଜ ସପକ୍ଷରେ ନେବାକୁ ପ୍ରଚାର ଜୋର୍‌ଦାର କରିଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀ ଉଜ୍ଜ୍ୱଳ ଗୁପ୍ତାଙ୍କ ସମେତ ୧୩ଟି ୱାର୍ଡ ଦଳୀୟ ପ୍ରାର୍ଥୀଙ୍କୁ ସପକ୍ଷରେ ପ୍ରଚାରର ମଙ୍ଗ ଧରିଛନ୍ତି ସ୍ଥାନୀୟ ବିଧାୟକ ଅଧିରାଜ ପାଣିଗ୍ରାହୀ। ଖଡିଆଳ ବିଧାୟକ ପାଣିଗ୍ରାହୀ ଅଧ୍ୟକ୍ଷ ପ୍ରାର୍ଥୀ ଉଜ୍ଜ୍ୱଳଙ୍କ ସହ ମିଶି ୱାର୍ଡକୁ ୱାର୍ଡ ଘର ଘର ବୁଲି ଭୋଟଭିକ୍ଷା କରୁଛନ୍ତି। ନିଜର ଅଢ଼େଇ ବର୍ଷ ଖଡିଆଳ ସହର ବିକାଶ ପ୍ରତି ନିଜ ଉଦ୍ୟମରେ ହାତକୁ ନେଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟଗୁଡିକ ଭୋଟରମାନଙ୍କ ପାଖରେ ଉପସ୍ଥାପନା କରି ଭୋଟଭିକ୍ଷା କରୁଛନ୍ତି। ଗୋଟିଏପଟେ ଅଧ୍ୟକ୍ଷ ପଦ ପାଇଁ ସିଧାସଳଖ ଭୋଟର ମତଦାନ କରିବାକୁ ଥିବାବେଳେ ଏହାକୁ ନେଇ ଭୋଟରମାନଙ୍କ ମଧ୍ୟରେ ଉତ୍ସାହ ଥିବା ପରିଲକ୍ଷିତ ହେଉଛି। ଅନ୍ୟପଟେ ନିର୍ବାଚନ ପ୍ରଚାରରେ କଂଗ୍ରେସ ଆଗରେ ଥିବା ବେଳେ ଏହାକୁ ନେଇ କର୍ମୀମାନେ ମଧ ବେଶ ଉତ୍ସାହ ଥିବା ପରିଲକ୍ଷିତ ହେଉଛି।



ନିର୍ବାଚନ ପ୍ରଚାରରେ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ସହ ବିଧାୟକ।

# ଭାଜପା ପ୍ରାର୍ଥୀଙ୍କ ପାଇଁ ଆଲବମ ଅଭିନେତ୍ରୀଙ୍କ ପ୍ରଚାର

## କେସିଙ୍ଗା ଏନ୍‌ଏସି

### କଂଗ୍ରେସ ପକ୍ଷରୁ ବାଇକ୍ ରାଲି, ସାଧାରଣ ବୈଠକ

**କେସିଙ୍ଗା,୨୧।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ନିର୍ବାଚନ କମ୍ ଦିନ ବାକି ରହିଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଭାଜପା ଅଧ୍ୟକ୍ଷ ପ୍ରାର୍ଥୀ ସଚିନ ଜୈନଙ୍କ ସପକ୍ଷରେ ଓଡ଼ିଆ ଆଲବମ ଅଭିନେତ୍ରୀ ଦେବଯାନୀ ଦେଘୁରିଆ ପ୍ରଚାର କରିଛନ୍ତି। କେସିଙ୍ଗା ୧୨ଟି ୱାର୍ଡ଼କୁ ଏକ ଚାରିଚାକିଆ ଗାଡ଼ିରେ ସହର ପରିକ୍ରମା କରିଥିଲେ। ପରିକ୍ରମା ଅମ୍ବାଜି ମନ୍ଦିରଠାରୁ ଆରମ୍ଭ ହୋଇ ପ୍ରଥମେ ୧, ୨ ୱାର୍ଡ଼କୁ ଶୋଭାଯାତ୍ରାରେ ଯାଇ ଅଭିନେତ୍ରୀ ଭୋଟରଙ୍କୁ ସଚିନଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଅଭିନେତ୍ରୀଙ୍କୁ ଲୋକେ ଦେଖିବାକୁ ପ୍ରବଳ ଭିଡ ରହିଥିଲା। ସେହିପରି କଂଗ୍ରେସ ଅଧ୍ୟକ୍ଷ ପ୍ରାର୍ଥୀ ରାମ କୁମାର ଜୈନଙ୍କ ସପକ୍ଷରେ କେସିଙ୍ଗା ସହରସ୍ଥିତ ଦୁର୍ଗା ମଣ୍ଡପ ଛକଠାରେ ଏକ ସାଧାରଣ ବୈଠକ ଏବଂ ବାଇକ୍ ରାଲି ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭକ୍ତଚରଣ ଦାଶ, ଜିଲା ସଭାପତି ଭରତ ବେମାଲ, ଟାଉନ ସଭାପତି ଦୟାସଗର ସାହା, ସୂର୍ଯ୍ୟ ଦାଶ, ସୁବାଷ ଜୈନ, ପୂର୍ବତନ ଭାଇସ ଚେୟାରମ୍ୟାନ ରଜନୀକାନ୍ତ ପୋଢ଼, ସାଧାରଣ ସମ୍ପାଦକ ଟିକେମନ ଦୀପ, ପୂର୍ବତନ କାଉନ୍‌ସିଲର ବିଜୟ ଦୀପଙ୍କ ସମେତ ୧୧ କାଉନ୍‌ସିଲର ପ୍ରାର୍ଥୀ, କଂଗ୍ରେସ କର୍ମୀ ସାଧାରଣ ବୈଠକରେ ଉପସ୍ଥିତ ରହି ସହରବାସୀଙ୍କୁ ଭୋଟଭିକ୍ଷା କରିଥିଲେ। ସାଧାରଣ ବୈଠକରେ ଶତାଧିକ ଭୋଟର ଯୋଗଦେଇଥିଲେ।



ଓଡ଼ିଆ ଆଲବମ ଅଭିନେତ୍ରୀ ଦେବଯାନୀ ଦେଘୁରିଆ ପ୍ରଚାର କରୁଛନ୍ତି।

**ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର**

ଲହୁଣୀପଡ଼ା,(ଡି.ଏନ.ଏ.) : ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ମହୁରା ଗ୍ରାମ ନିକଟସ୍ଥ ରେଳ ଧାରଣାର କିଛି ଦୂରରୁ ପୋଲିସ ସୋମବାର ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଉଦ୍ଧାର କରିଛି। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୬୦ ବର୍ଷ ଅନୁମାନ କରାଯାଉଥିବାବେଳେ କଳାରଙ୍ଗର ନିକର ଓ ଗଞ୍ଜି ପିନ୍ଧିଥିବା ବେଳେ ଶରୀର କୌଣସି କ୍ଷତବିକ୍ଷତ ଚିହ୍ନ ନ ଥିବା ଦେଖିବାକୁ ମିଳିଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣା ପଡୁ ନ ଥିଲେ ମଧ ବ୍ୟବଚ୍ଛେଦ ପରେ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି।

## ସଂକ୍ଷେପରେ

### ଆକ୍ରମଣ କରି ଲୁଟିନେଲେ ଟଙ୍କା, ସୁନା

**ସମ୍ବଲପୁର,୨୧।୩(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅର୍ନ୍ତଗତ ଲାଝରନ ଗ୍ରାମରେ ଶସସ୍ତ୍ର ଡକାୟତି ହୋଇଛି। ରବିବାର ବିଳମ୍ବିତ ରାତିରେ ୫ରୁ ୬ ଜଣ ଦୁର୍ବୃତ୍ତ ସୁଶିଲ ପ୍ରଧାନଙ୍କୁ ଛୁରିରେ ଆକ୍ରମଣ କରି ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଛନ୍ତି। ୧ ଲକ୍ଷ ୧୩ ହଜାର ନଗଦ ଟଙ୍କା ଓ ୧୭୦ ଗ୍ରାମ ସୁନା ଅଳଙ୍କାର ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ୪୬/୨୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ଚିକିତ୍ସା ପରେ ସୁଶିଲଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ଜଣାପଡିଛି। ଅଭିଯୋଗ କ୍ରମେ ରାତି ପ୍ରାୟ ୧୨ଟାରେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଘର ପଛପଟୁ କବାଟ ତାଡି ଭିତରକୁ ପ୍ରବେଶ କରିଥିଲେ। ଏହା ଜାଣି ସୁଶିଲ ଉଠି ପଡିଥିଲେ। ସେମାନେ ଛୁରିରେ ଆକ୍ରମଣ କରିବାରୁ ସୁଶିଲ ଭୟରେ ଟଙ୍କା ଓ ସୁନା ଦେଇ ଦେଇଥିଲେ।

### ୨୩ରେ ଜାତୀୟ ନାଟକ ମହୋତ୍ସବ

**ରାଉରକେଲା ଅଫିସ,୨୧।୩:** ରାଉରକେଲା ସେକ୍ଟର-୭ ସ୍ଥିତ ମଧୁମଣ୍ଡପ ପରିସରରେ ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ଉପସଭାପତି ବିଜୟ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରରେ ୫ ଦିନିଆ ଜାତୀୟ ନାଟକ ମହୋତ୍ସବ ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଭାସ୍କର ମହାପାତ୍ର ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ଏକତ୍ର ରାଉରକେଲା ସଭାପତି ଡ. ସମର ମୁଦାଲି, ଗଙ୍ଗାଧର ଜେନା, ପ୍ରଜ୍ଞାନନ୍ଦ ମହାନ୍ତି, ସଞ୍ଜୀବ ଚାନ୍ଦଙ୍କ ସମେତ ୨୦ଟି ନାଟ୍ୟ ଅନୁଷ୍ଠାନର ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ ସମ୍ପାଦକ ସୁରେନ୍ଦ୍ର ପାଢ଼ି ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

**ବ୍ରଜରାଜନଗର,୨୧।୩ (ଡି.ଏନ.ଏ.):** ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ ୧୫ରେ ଥିବା ପୂର୍ବାଞ୍ଚଳ ସାଂସ୍କୃତିକ ବିକାଶ ମଞ୍ଚ ପକ୍ଷରୁ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅହେତୁକ ଦର ବୃଦ୍ଧିକୁ ନେଇ କେନ୍ଦ୍ରରେ ଥିବା ଭାଜପା ସରକାରଙ୍କୁ ସମାଲୋଚନା କରିବା ସହିତ ବ୍ରଜରାଜନଗର ପୌରାଞ୍ଚଳର ବିକାଶ ପାଇଁ ବିଜେଡିକୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ନଗର ସଭାପତି ରାଧାକାନ୍ତ ପ୍ରଧାନଙ୍କ ସମେତ ମଞ୍ଚ କର୍ମକର୍ତ୍ତା ମଞ୍ଚାସୀନ ଥିଲେ।

### ବରିଷ୍ଠ ନାଗରିକଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର,୨୧।୩(ବ୍ୟୁରୋ):** ସମ୍ବଲପୁରସ୍ଥିତ ଓଡିଶା ସାଂସ୍କୃତିକ ସମାଜର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବରିଷ୍ଠ ନାଗରିକଙ୍କ ଲାଗି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଓଡିଶା ସାଂସ୍କୃତିକ ସମାଜ, ଉତ୍ସର୍ଗ ଓ ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ମିଳିତ ଆୟୋଜନରେ କାର୍ଯ୍ୟକ୍ରମ ହୋଇଥିଲା। ଡା. ବ୍ରଜମୋହନ ମିଶ୍ର ମୁଖ୍ୟଅତିଥି, ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ଅଧକ୍ଷ ଡି. ମୁରଲିକ୍ରୀଷ୍ଣା, ମେଜର ଡା. ଏଲ୍.କେ. ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। ଡା. ଏଲ୍.ପି. ଦାଶ, ଡା. ସୁବଳ କୁମାର କର, ଡା. ଆଶିଷ ନାୟକ, ଡା. ଦିନେଶ କୁମାର ସାହୁ, ଡା. ଦିଶା ଖାନ୍ନା, ଡା. ମୁକେଶ ଦ୍ୱିବେଦୀ, ଡା. ସ୍ମୃତି ଅଗ୍ରୱାଲ ଯୋଗଦେଇ ୧୫୦ଜଣ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଓଡିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫୁଲ୍ଲ କୁମାର ହୋତା, ସମ୍ପାଦକ ସରୋଜ କୁମାର ଦାଶ ପରିଚାଳନାରେ ସହଯୋଗ କରିଥିଲେ।

### ବନ୍ଧୁ ମିଳନ କାର୍ଯ୍ୟକ୍ରମ

**ବ୍ରଜରାଜନଗର,୨୧।୩(ଡି.ଏନ.ଏ.):** ବ୍ରଜରାଜନଗର ସହରାଞ୍ଚଳର ହରିଓମ୍ ବିହାର କଲୋନୀରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିର ୫୦ରୁ ଉର୍ଦ୍ଧ୍ୱ ପରିବାର ଏକତ୍ରିତ ହୋଇ ଫଗୁ ଖେଳିବା ସହ ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିଥିଲେ। ଏହି ଅବସରରେ ବାଦ୍ୟସାଧିକ ଲୋକମାନଙ୍କୁ ସମ୍ମାନିତ କରଯାଇଥିଲା। ରଞ୍ଜିତ ପ୍ରଧାନ, ମୁକେଶ ଗନେରିଏଲ, ଭବାନୀ ପ୍ରଧାନଙ୍କ ସମେତ ଅନୁଷ୍ଠାନର ସଭାପତି ସନ୍ତୋଷ ମିଶ୍ର, ସମ୍ପାଦକ ଜୟନ୍ତ ଦୀକ୍ଷିତ ସହାୟତା କରିଥିଲେ।

# ଥାନା ପରିସରରେ ହତ୍ୟା ଉଦ୍ୟମ

## ପୁଅ ସହ ପୂର୍ବତନ ଏସ୍‌ଡିଏ ଅଧକ୍ଷ ଗିରଫ

**ସମ୍ବଲପୁର,୨୧।୩(ବ୍ୟୁରୋ)**

ସମ୍ବଲପୁରର ପୂର୍ବତନ ଏସ୍‌ଡିଏ (ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ) ଅଧକ୍ଷ ଜୟବ୍ରତ ଦେ ଓ ତାଙ୍କ ପୁଅ ରୋଚିସ ଦେ ସୋମବାର ଧନୁପାଲି ଥାନା ପରିସରରେ ଆତଙ୍କ ଖେଳାଇ ଗିରଫ ହୋଇଛନ୍ତି। ତାଙ୍କର ଦୁଇଜଣ ସମର୍ଥକ ମହମ୍ମଦ ସୋହେଲ ସାଦିକ ଓ ଅହମ୍ମଦ ରାଜାଙ୍କୁ ମଧ ପୋଲିସ ଗିରଫ କରିଛି। ହେଲେ ବିଳମ୍ବିତ ରାତିରେ ଜୟବ୍ରତଙ୍କ ଗୋଷ୍ଠୀ ଥାନାକୁ ଆସି ପ୍ରାୟ ୨୦ମିନିଟ ଧରି ଗୁଣ୍ଡାରାଜ ଚଳାଇଥିଲେ। ସେମାନେ ରୋଚିସଙ୍କୁ ମାରପିଟ ଅଭିଯୋଗରେ ଥାନାରେ ଅଟକ ଥିବା ୩ ଅଭିଯୁକ୍ତ ଏସ୍.କେ. ମୁଜିବ, ମୌସିମ ଅକ୍ତର, ସୁଶାନ୍ତ ହରଙ୍କୁ ହକି ଷ୍ଟିକରେ ମାଡ଼ ମାରିବା ସହ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଠେଲାପେଲା କରିବା ଭଳି ଘଟଣା ଘଟାଇଥିଲେ। ଶେଷରେ ପୋଲିସ ଜୟବ୍ରତ ଓ ଅନ୍ୟମାନଙ୍କୁ କାବୁ କରିଥିଲା। ଏହିସବୁ ଘଟଣା ଥାନାରେ ଥିବା ସିସିଟିଭିରେ କଏଦ ହୋଇଛି। ଧନୁପାଲି ଥାନା ପୋଲିସ ଏସ୍‌ଆଇ ଏସ୍.କେ. ଜେନାଙ୍କ ଅଭିଯୋଗ କ୍ରମେ କେସ୍ ନଂ ୮୯/୨୨ରେ ମାମଲା ରୁଜୁ ହୋଇ ଜୟବ୍ରତଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।



ପୂର୍ବତନ ଏସ୍‌ଡିଏ ଅଧକ୍ଷ ଓ ତାଙ୍କ ପୁଅଙ୍କୁ କୋର୍ଟ ଚାଲାଣ କରାଯାଉଛି ।

ରୋଚିସଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୦/୨୨) ରୁଜୁ କରି ଏସ୍.କେ. ମୁଜିବ, ମୌସିମ ଅକ୍ତର, ସୁଶାନ୍ତ ହରଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ମୌସିମ ଅକ୍ତରଙ୍କ ଅଭିଯୋଗ କ୍ରମେ ଜୟବ୍ରତ, ପୁଅ ରୋଚିସ ଓ ଅନ୍ୟ ୨ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି।

ପୋଲିସ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ରବିବାର ରାତି ପ୍ରାୟ ୧୧ଟା ସମୟରେ ରୋଚିସ ତାଙ୍କ ସାଙ୍ଗମାନଙ୍କ ସହ ଆଶୋକା ଟକିଜ୍ ରୋଡ୍‌ର ଏକ ଦୋକାନ ନିକଟରୁ କାର୍‌ରେ ଆସୁଥିଲେ। ଏହି ସମୟରେ ଅପର ଗୋଷ୍ଠୀ ଯୁବକମାନେ ସେମାନଙ୍କୁ ଅଟକାଇ କୌଣସି କାରଣରୁ ଗଣ୍ଡଗୋଳ କରିଥିଲେ। ଖବର ପାଇ ଜୟବ୍ରତ ଓ ତାଙ୍କରଦୁଇଜଣ ସମର୍ଥକ ସେଠାରେ ପହଞ୍ଚିଲେ। ଗଣ୍ଡଗୋଳ ବିଷୟରେ ଜାଣିବା ପରେ ପୋଲିସ ପହଞ୍ଚି ଗୋଟିଏ ଗୋଷ୍ଠୀର ୩ ଯୁବକଙ୍କୁ ଥାନାକୁ ନେଇ ଆସିଥିଲା। ହେଲେ ବିଳମ୍ବିତ ରାତି ପ୍ରାୟ ୧୨ଟା ପରେ ଜୟବ୍ରତ, ରୋଚିସ ଓ ଅନ୍ୟ ୨ ଜଣ ଥାନାରେ ପହଞ୍ଚିଥିଲେ। ସେଠାରେ ପୋଲିସ ଉପସ୍ଥିତିରେ ଅଟକ ଥିବା ଯୁବକମାନଙ୍କୁ ସେମାନେ ହକି ଷ୍ଟିକ, ବାଡ଼ିରେ ମାରପିଟ କରିଥିଲେ। ଏପରି କି ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ହେଲେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ଜୟବ୍ରତଙ୍କ ବିଭିନ୍ନ ରାଜନୈତିକ ବ୍ୟକ୍ତିଙ୍କ ସହିତ ସମ୍ପର୍କ ଥିବାରୁ ଘଟଣାକୁ ଚପାଇଦେବାକୁ ଉଦ୍ୟମ କରାଯାଇଥିଲା। ବିଳମ୍ବିତ ରାତିରେ କେତେଜଣ ଜିଲାସ୍ତରୀୟ ନେତା ଥାନାକୁ ଯାଇ ପୋଲିସକୁ ଗୁହାରି କରିଥିଲେ। ଏପରି କି ଫୋନ ଯୋଗେ ଏସ୍‌ପି ଓ ଅନ୍ୟ ପୋଲିସ ଅଧିକାରୀଙ୍କୁ ବୁଝାମଣା କରିବାକୁ ଅନୁରୋଧ କରିଥିଲେ। ହେଲେ ପୋଲିସ କର୍ଣ୍ଣପାତ ନ କରି ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ବସନ୍ତ ଉତ୍ସବ ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ

**ରାଉରକେଲା ଅଫିସ,୨୧।୩**

ରାଉରକେଲା ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ଚାଲିଥିବା ୪୫ତମ ବସନ୍ତ ସମାରୋହ ଇଂ. ଅଭୟ କୁମାର ଦାସଙ୍କ ସଭାପତିତ୍ୱରେ ସୋମବାର ଉଦ୍‌ଯାପିତ ହୋଇଛି। ଉତ୍ସବରେ ଜିନ୍ଦଲ ଖଣିର ଉପସଭାପତି ପ୍ରମୋଦ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବସନ୍ତ ଉତ୍ସବ ଓଡିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତ ପ୍ରକାଶ କରିଥିଲେ। ଅବସରପ୍ରାପ୍ତ ପ୍ରଧ୍ୟାପକ ଡଃ. ପ୍ରଭାତ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦିକା ଅଲକାଚାନ୍ଦ ବହୁଭାଷୀ କବିତା ପାଠ କରିଥିଲେ। ଉତ୍ସବରେ ସହରର କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ଉତ୍ସବର ଦ୍ୱିତୀୟ ଭାଗରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କଲିକତାର ଗୁରୁ ଡଃ. ମାଧୁରୀ ମଜୁମଦାର ଓ ସାଥୀଙ୍କ ଦ୍ୱାରା କୁଚିପୁଡି ନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ଡଃ. କିଶୋରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୋଷରାମାଲରେ ବନାଗ୍ନି ସଚେତନତା

**ନାକଟିଦେଉଳ,୨୧।୩(ଡ଼ି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳ ଆନୁକୂଲ୍ୟରେ ସୋମବାର ଘୋଷରାମାଲ ଫରେଷ୍ଟ ସେକ୍ସନ ପକ୍ଷରୁ ଜଙ୍ଗଲ ନିଆଁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆମ ଜଙ୍ଗଲ ଯୋଜନା ଟିମ୍ ଲିଡ଼ର ହବକୁବ ଦେଶୀ ନାଏକଙ୍କ ସଭାପତିତ୍ୱରେ ସଭାରେ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ବେହେରା ମୁଖ୍ୟଅତିଥି, ପରିବେଶପ୍ରେମୀ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୁରଲୀଧର ସ୍ୱାଇଁ ମୁଖ୍ୟବକ୍ତା ଓ ଘୋଷରାମାଳ ସରପଞ୍ଚ ପ୍ରେମଶୀଳା ପ୍ରଧାନ, ଶିମିଳିପାଳ ସରପଞ୍ଚ ସସ୍ମିତା ପ୍ରଧାନ, ନାକଟିଦେଉଳ ଫରେଷ୍ଟର ସଞ୍ଜୟ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁର କାରଣ ଓ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ଜଙ୍ଗଲ ନିଆଁର ପ୍ରଭାବ ସିଧାସଳଖ ମନୁଷ୍ୟ ସମାଜ ଉପରେ ପଡୁଛି। ଜଳବାୟୁ ପରିବର୍ତ୍ତନରେ ମଧ ଅସାମାନତା ଦେଖାଦେଉଛି। ଏହାକୁ ରୋକିବା ଦିଗରେ ସମସ୍ତେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ୧୦ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ଯୋଗଦେଇଥିବା ବେଳେ ଜାହ୍ନବୀ ସ୍ୱାଇଁ, ଚକ୍ରଧର ପ୍ରଧାନ, ହଳଧର ପ୍ରଧାନ, ଅଗସ୍ତି କିଣ୍ଡୋ, ବ୍ରହ୍ମାନନ୍ଦ ବିଶ୍ୱାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଘୋଷରାମାଳ ସେକ୍ସନର ଫରେଷ୍ଟର ଠାକୁର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ବ୍ୟକ୍ତି ବନାଗ୍ନି ରୋକିବା ପାଇଁ ଶପଥପାଠ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

# କୃଷ୍ଣଗୁରୁ ସମ୍ମିଳନୀ ଉଦ୍‌ଯାପିତ

**ଝାରସୁଗୁଡ଼ା ଅଫିସ,୨୧।୩**

ଲଖନପୁର ବ୍ଲକ କତରବଗା ଗାଁରେ ଚାଲିଥିବା କୃଷ୍ଣ ଗୁରୁ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ମୃଦଙ୍ଗ କରତାଳ ବାଦ୍ୟ ସହ କଳସ ସ୍ଥାପନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଂଶଗ୍ରହଣ କରିଥିବା କତରବଗା, ଗୋବିନ୍ଦପୁର, କୁତ୍ରାପାଲି, ଝାରଗାଁ, ସମରବଗା ଓ ପଧାନଡେରା ଗାଁର କୃଷ୍ଣ ଗୁରୁ ଦଳ ଭଜନ ପରିବେଷଣ କରିଥିଲେ। ଅପରାହ୍ନରେ ହୋମ କୁଣ୍ଡରେ ଘୃତାହୁତି ପରେ ନଗର ପରିକ୍ରମା ସହ ଉଦ୍‌ଯାପିତ ହୋଇଥିଲା। ଏହାକୁ ଦେଖିବା ପାଇଁ ଆଖପାଖ ଗାଁରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏଥିରେ ପ୍ରହଲ୍ଲାଦ ପଧାନ, ଅର୍ଜୁନ ପଧାନ, ଚନ୍ଦ୍ର କୁମାର ବାରିକ, ସୁରେନ୍ଦ୍ର ପଧାନ, ନିତ୍ୟାନନ୍ଦ ବାରିକ, ରତ୍ନାକର ସା, ବାବୁଲାଲ ପଧାନ ସହଯୋଗ କରିଥିଲେ।

## ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଜମନକିରା, ୨୧।୩(ଡି.ଏନ.ଏ.)**

ଜମନକିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡ଼ମାଲ ପଞ୍ଚାୟତର ନୂତନ ସରପଞ୍ଚ ନରେଶ କୁମାର ନାୟକ ଅଧକ୍ଷତା କରିଥିବା ବେଳେ ଅଙ୍ଗନୱାଡି କ୍ଷେତ୍ର ପରିଦର୍ଶିକା ସାଗେନ ଆଇନଦ ସଭା ପରିଚାଳନା କରିଥିଲେ। ଚାଇଲ୍ଡ ଲାଇନ କର୍ମୀ ଶ୍ୱେତାଙ୍ଗିନୀ ବାରିକ ବାଲ୍ୟବିବାହ, ଶିଶୁ ନିର୍ଯାତନା, ଆଶୀର୍ବାଦ ଯୋଜନା ଓ ଶିଶୁ ଅଧିକାର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କଟଙ୍ଗପାଣି, ସୁବର୍ଣ୍ଣପାଲି, ଭୋଜପୁର, ବଡ଼ରମା, କସଡ଼ା, ଟିକିବା, ଫାଶୀମାଲ, ଗୁଣ୍ଡୁରୁଟୁଆ, ଧୁଡିପାଲି ଓ ସିରିଡ଼ି ପଞ୍ଚାୟତରେ ମଧ ଏହି କାର୍ଯ୍ୟକ୍ରମ ହୋଇଯାଇଛି। ବୈଠକରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବାଳିକା, ଶିଶୁପ୍ରତିନିଧି ଯୋଗଦେଇଥିଲେ।

## ଜମନକିରା ବ୍ଲକର ବିଭିନ୍ନ ଜଙ୍ଗଲରେ ନିଆଁ

**ଜମନକିରା,୨୧।୩(ଏ.ଏନ.ଏ.)**

ଜମନକିରା ବ୍ଲକର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଦେଖାଯାଉଛି। ବିଭାଗୀୟ ଅବହେଳା ଯୋଗୁ ଏଭଳି ମନୁଷ୍ୟକୃତ ବଣପୋଡି ଥମିବାର ନାଁ ଧରୁନି। ନିଆଁ ଦାଉରୁ ଜଙ୍ଗଲ ସୁରକ୍ଷା ଦେବା ପାଇଁ ଏନଜିଓ ଓ ଡାକବାଜି ଯନ୍ତ୍ର ସାହାଯ୍ୟରେ ବ୍ଲକର ବିଭିନ୍ନ ଗ୍ରାମରେ ଲୋକଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ହେଲେ ଏବେ ଗ୍ରୀଷ୍ମ ଆରମ୍ଭ ଯୋଗୁ ପ୍ରତ୍ୟେକ ଅଞ୍ଚଳରେ ମହୁଲଫୁଲ ଗୋଟାଇବା ପାଇଁ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ହେଲେ ପରେ ଏହା ଲିଭାଯାଉ ନ ଥିବାରୁ ଅନେକ ଛୋଟବଡ଼ ଗଛ ପୋଡିବା ସହ ଜଙ୍ଗଲ ଜନ୍ତୁଙ୍କ ମୃତ୍ୟୁ ଘଟୁଛି। ସୋମବାର ଜମନକିରା ରେଞ୍ଜ ଅନ୍ତର୍ଗତ ଫୁଲକୁସୁମ ବିଟ ଅଞ୍ଚଳରେ ନିଆଁ ଲାଗିଥିବା ଦେଖାଯାଇଥିଲା। ମାତ୍ର ତାଙ୍କ ପାଖରେ ସୂଚନା ନ ଥିବା କହିଛନ୍ତି ରେଞ୍ଜର ଲକ୍ଷ୍ମୀନାରାୟଣ ନାୟକ।

## କକାକୁ କୁରାଢିରେ ଆକ୍ରମଣ: ପୁତୁରା ଗିରଫ

**ଲହୁଣୀପଡ଼ା,୨୧।୩(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବଡ ପୁରୁଣାପାଣି ପଞ୍ଚାୟତ ଶିଆଳୀ କୁଦର ଗ୍ରାମରେ କକାକୁ ପୁତୁରା କୁରାଢ଼ୀରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୁରୁ ଚରଣ ମୁଣ୍ଡା(୫୨)ତାଙ୍କର କକା ଖଗେଶ୍ୱର ମୁଣ୍ଡା(୫୮)ଙ୍କ ସହିତ କୌଣସି କାରଣ ଯୋଗୁ ରବିବାର ଝଗଡା କରିଥିଲେ। ଝଗଡାରେ ଉତକ୍ଷିପ୍ତ ହୋଇ ପୁତୁରା ଗୁରୁଚରଣ ଏକ କୁରାଢ଼ୀରେ କକା ଖଗେଶ୍ୱରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଖଗେଶ୍ୱର ତଳେ ପଡ଼ିଯାଇଥିଲେ। ଉପସ୍ଥିତ ପରିବାର ଲୋକ ଖଗେଶ୍ୱରଙ୍କୁ ଚିକିତ୍ସା ନିମନ୍ତେ ଲହୁଣୀପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିବା ସହିତ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଲହୁଣୀପଡ଼ା ପୋଲିସ ଶିଆଳୀ କୁଦରରେ ପହଞ୍ଚି ଗୁରୁଚରଣ ମୁଣ୍ଡାଙ୍କୁ ଗିରଫ କରିବା ସହିତ କୁରାଢ଼ୀକୁ ଜବତ କରି ଲହୁଣୀପଡ଼ା ଥାନାକୁ ଆଣିଥିଲେ। ଗୁରୁ ଚରଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

# ବନଖଣ୍ଡସ୍ତରୀୟ ବାର୍ଷିକ ସମୀକ୍ଷା ବୈଠକ

## ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ

**ସୁନ୍ଦରଗଡ,୨୧।୩(ଡି.ଏନ୍.ଏ)**

ସୁନ୍ଦରଗଡ ବନଖଣ୍ଡ ଆନୁକୂଲ୍ୟରେ ବିଶ୍ୱ ବନ ଦିବସ ପାଳନ ଅବସରରେ ସୋମବାର ସ୍ଥାନୀୟ ବିକାଶ ଭବନଠାରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ୨ୟ ପର୍ଯ୍ୟାୟର ବନଖଣ୍ଡସ୍ତରୀୟ ଚତୁର୍ଥ ବାର୍ଷିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ରାଉରକେଲା ଆଞ୍ଚଳିକ ବନ ସଂରକ୍ଷକ ଡଃ ଅରୁଣ କୁମାର ମିଶ୍ର ମୁଖ୍ୟ ଅତିଥି ଓ ଜିଲାପାଳ ନିଖିଲ ପବନ କଲ୍ୟାଣ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ତଥା ଖଣ୍ଡୀୟ ପରିଚାଳନା ଏକକ ମୁଖ୍ୟ ପ୍ରଦୀପ ମିରାସେ ମୁଖ୍ୟ ବକ୍ତା, ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲା ପ୍ରାଣୀ ସମ୍ପଦ ଅଧିକାରୀ ଶରତ କୁମାର ମିଶ୍ର, ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ହରିବନ୍ଧୁ ସେଠ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ମାନସିଂ ସୋରେନ୍, କିରେଇ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ ଲକ୍ଷ୍ମୀପ୍ରିୟା ପ୍ରଧାନ, ସହକାରୀ ମତ୍ସ୍ୟ ଅଧିକାରୀ ପୃଥୀରାଜ ବିଶ୍ୱାଳ,ଏନ୍‌ଟିପିସି ପ୍ରକଳ୍ପ ମୁଖ୍ୟ ଶିବମ୍ ଶ୍ରୀବାସ୍ତବ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକ ପ୍ରାରମ୍ଭରେ କ୍ଷେତ୍ର ପରିଚାଳନା ଏକକ ସଂଯୋଜିକା ସବିତା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ସଭା ସଞ୍ଚାଳନ କରି ବିଗତ ବର୍ଷରେ ପ୍ରକଳ୍ପର ଅଗ୍ରଗତି ସହ ସମୀକ୍ଷା କରିଥିଲେ। ବିଭିନ୍ନ ବନସୁରକ୍ଷା ସମିତିରୁ ଆସିଥିବା କର୍ମକର୍ତ୍ତା ଏବଂ ଗ୍ରାମ୍ୟ ବନ ସହାୟିକା ସହାୟକମାନେ ପ୍ରକଳ୍ପ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏଥିରେ ବନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। କ୍ଷେତ୍ର ପରିଚାଳନା ଏକକ ଓ ବେସରକାରୀ ସଂସ୍ଥା ସେବକର କର୍ମକର୍ତ୍ତାମାନେ ଯୋଗଦେଇ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ପାୱାର ପଏଣ୍ଟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ବନ ସୁରକ୍ଷା ସମିତି ଏବଂ ଶ୍ରେଷ୍ଠ କ୍ଷେତ୍ର ପରିଚାଳନା ଏକକ ନିମନ୍ତେ ବିଭିନ୍ନ ବନ ସୁରକ୍ଷା ସମିତିକୁ ପୁରସ୍କୃତ କରାଯାଇଥିଲା। ଏଥିସହ ଆୟୋଜିତ ଫଟୋ ଗ୍ୟାଲେରୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବନ ସୁରକ୍ଷା ସମିତି ଦ୍ୱାରା ଜୀବନ ଜୀବିକାର ଉନ୍ନତି ନିମନ୍ତେ ଉତ୍ପାଦିତ ସାମଗ୍ରୀକୁ ଜିଲାପାଳ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ପରେ ସମୀକ୍ଷା ୨୦୨୧-୨୨ ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା।

# ମତ୍ସ୍ୟଜୀବୀଙ୍କୁ ମାଛଧରା ଜାଲ ବିତରଣ



ଜିଲାପାଳ ମତ୍ସ୍ୟଜୀବୀଙ୍କୁ ଜାଲ ବିତରଣ କରୁଛନ୍ତି।

**ରାଉରକେଲା ଅଫିସ,୨୧।୩**

ରାଉରକେଲା ଇସ୍ପାତ କାରଖାନା ମନ୍ଦିରା ଡ୍ୟାମ୍ ନିକଟବର୍ତ୍ତୀ ଡୁମେରଜୋର ଓ ଲାଇଙ୍ଗ ଅଞ୍ଚଳରେ ବାସ କରୁଥିବା ମତ୍ସ୍ୟଜୀବୀଙ୍କ ଖାଦ୍ୟ ନିରାପତ୍ତା ପାଇଁ ୨୫୦ଟି ମାଛଧରା ଜାଲ ବିତରଣ କରାଯାଇଛି। କାଂଶବାହାଲ ଲାଇଙ୍ଗଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ଆରଏସ୍‌ପିର କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥୀ ଉପସ୍ଥିତ ରହି ମତ୍ସ୍ୟଜୀବୀଙ୍କୁ ଜାଲ ବିତରଣ କରିଥିଲେ । ଜିଲା ମତ୍ସ୍ୟ ଉପନିର୍ଦ୍ଦେଶକ ଅଜୟ କୁମାର ଭୋଇ, ମତ୍ସ୍ୟ ବିଭାଗର ଅଧିକାରୀ ଜିତେନ୍ଦ୍ର ବେଗେରା, ଅତିରିକ୍ତ ଡିଏଫ୍‌ଓ ଅରୁଣ କୁମାର ସାହୁ, ଆରଏସ୍‌ପିର ସିଏସ୍‌ଆର ବିଭାଗର ଜିଏମ୍ ମୁନମୁନ ମିତ୍ରା, ଡିଜିଏମ୍ ଡି. ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କୁଟୁରାଚୁଆଁ କଲେଜରେ ବିଶ୍ୱ ବନ ଦିବସ

**କୁଚିଣ୍ଡା,୨୧।୩(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଜୁନିୟର କଲେଜରେ ସୋମବାର ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ନିଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାମରା ଡିଏଫ୍‌ଓ ଫାଲଗୁନି ସାରଥି ମଲ୍ଲିକ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ସମ୍ପର୍କରେ ଆଲୋଚନା କରି ଏ ଦିଗରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ କୁଚିଣ୍ଡା ରେଞ୍ଜର ଗଗନ ବିହାରୀ ମଲ୍ଲିକ, ଅଧ୍ୟାପକ ସତ୍ୟନାରାୟଣ ପଟେଲ, ୱାର୍ଡ ମେମ୍ବର ସରୋଜ ମେହେର, ଲାଇବ୍ରେରିୟାନ ଦେବାନନ୍ଦ ମହାପାତ୍ର, ଡିଇଓ ସମିନ ରଞ୍ଜନ ନାଏକ ପ୍ରମୁଖ ଯୋଗଦେଇ ବନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ସଭା ସଞ୍ଚାଳନ କରିଥିବା ବେଳେ ପ୍ରମୋଦ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ କବିତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ନାମ ସଂକୀର୍ତ୍ତନରେ ଅପାର ଶକ୍ତି ରହିଛି

**ସମ୍ବଲପୁର,୨୧।୩(ବ୍ୟୁରୋ)**

ଭଗବାନଙ୍କ ନାମ ସଂକୀର୍ତ୍ତନରେ ଅପାର ଶକ୍ତି ରହିଛି। କଳି ଯୁଗରେ ହରିନାମ ସଂକୀର୍ତ୍ତନ ସଂସାର ବନ୍ଧନକୁ ଖଣ୍ଡନ କରି ମୋକ୍ଷ ପ୍ରାପ୍ତି କରାଇବାରେ ସହାୟକ ହୋଇଥାଏ। ତେଣୁ ଜୀବନର ପ୍ରତି ମୁହୂର୍ତ୍ତ ହରି ରସାୟନରେ ରସଶିକ୍ତ କରିବା ଜରୁରୀ। ସମ୍ବଲପୁର ପ୍ରେସ କ୍ଲବ ସଭାକକ୍ଷରେ ଆୟୋଜିତ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ଦ୍ୱାଦଶ ବାର୍ଷିକୋତ୍ସବରେ ବୃନ୍ଦାବନ ନିବାସୀ ସନ୍ଥ ଶ୍ରୀ ଦାମକିଙ୍କର ଦାସଜୀ ମହାରାଜ ଏହା କହିଛନ୍ତି। ପରିଷଦ ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତା ଓ ସନ୍ତୋଷ କୁମାର ବାରିକଙ୍କ ସଂଯୋଜନାରେ ଉତ୍ସବ ହୋଇଥିଲା। ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରମିଳା ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମ୍ପ୍ରତି ସମାଜରେ ଦେଖା ଦେଉଥିବା ବିଶୃଙ୍ଖଳା ଦୂର କରିବାରେ ହରିନାମ ସଂକୀର୍ତ୍ତନ ଏକମାତ୍ର ପନ୍ଥା ବୋଲି କହିଥିଲେ। ବରଗଡ଼ର ପୂର୍ବତନ ଲୋକ ସଭା ସଦସ୍ୟ ଡ. ପ୍ରଭାସ ସିଂ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ସଂକୀର୍ତ୍ତନକୁ ବଞ୍ଚାଇ ରଖିବା ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକତା ଥିବା ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରକାଶିତ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଚଳିତ ବର୍ଷ ବରଗଡ଼ ଜିଲା ଭଟଲି ବ୍ଲକ ଗୌଡ଼ପାଲି ଗ୍ରାମର ସଂକୀର୍ତ୍ତନ ଗୁରୁ ନରସିଂହ ଦାଶଙ୍କୁ ଚୈତନ୍ୟ ପୁରସ୍କାର ଦିଆଯାଇଥିଲା । ସେହିପରି ସୁନ୍ଦରଗଡ଼ ଜିଲାର ସ୍ୱର୍ଗତ ଦୀପକ କୁମାର ମିଶ୍ର ଓ ବରଗଡ଼ ଜଲାର ସ୍ୱର୍ଗତ ଭୀମସେନ ପଟ୍ଟନାୟକଙ୍କୁ ଯଥାକ୍ରମେ ଶ୍ରେଷ୍ଠ ଗାୟକ ଓ ଶ୍ରେଷ୍ଠ ବାୟକ ଭାବେ ମରଣୋତ୍ତର ସମ୍ମାନ ପ୍ରଦାନ କରାଯାଇଥିଲା। ସୁନ୍ଦରଗଡ଼ ଜିଲାର ଅଜୟ କହଁରଙ୍କୁ ଶ୍ରେଷ୍ଠ ଜିଲା ସଂଯୋଜକ ଓ କୁଚିଣ୍ଡାର ପୁଷ୍ପଲତା ପଟେଲଙ୍କୁ ଶ୍ରେଷ୍ଠ ବ୍ଲକ ସଂଯୋଜକ ଭାବେ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ପରିଷଦର ଦିବଂଗତ କର୍ମକର୍ତ୍ତାଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦ ସମ୍ପାଦକ ଲୋକନାଥ ମିଶ୍ର ବାର୍ଷିକ ବିବରଣୀ ପାଠ ଓ ରାଜେନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।




ସ୍ମରଣିକା ଉନ୍ମୋଚନ କରୁଛନ୍ତି ଅତିଥିବୃନ୍ଦ।

